



୨୩/୫/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୫,୯୩୮/- ସୁନା: ୦୫.୫୦୦ ଗ୍ରାମ୍ ରୁପା: ୧୪୫.୭୦୦ ଗ୍ରାମ୍



### ସରିଲା ନିର୍ବାଚନୀ ପ୍ରଚାର

# ଭୋଟରଙ୍କ ହାତରେ ଏବେ ପ୍ରାର୍ଥୀଙ୍କ ଭାଗ୍ୟ




**ପୁରୀ, ୨୩।୫(ସମିସ)**

ସରିଗଲା ନିର୍ବାଚନୀ ପ୍ରଚାର। ସହରର ଗଳିକନ୍ଦି, ସାହିବସ୍ତି ଏବଂ ଗାଁଗହଳିରେ ବୁଲୁଥିବା ପ୍ରଚାର ଗାଡି ଗୁରୁବାର ସନ୍ଧ୍ୟାରୁ ଗଡ଼ିବା ବନ୍ଦ କରିଦେଇଛି। ଆଉ ଶୁଭୁନି ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ନେଇ ବାଜୁଥିବା ଗୀତ। ଏବେ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ। ପ୍ରଚାରର ଶେଷ ଦିବସରେ ପ୍ରାର୍ଥୀ ଏବଂ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

ଦିନତମାମ୍ ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାର କରି ଝାଳନାଳ ହୋଇପଡ଼ିଛନ୍ତି। ଗୋଟିଏ ଦିନ ହିଁ ଭୋଟରଙ୍କୁ ମନେଇବା ପାଇଁ ସେମାନଙ୍କ ହାତରେ ସୁଯୋଗ ଥିବାରୁ ଏହାକୁ କେହି ହାତଛଡା କରିବାକୁ ଚାହିଁ ନାହାନ୍ତି। ବିଭିନ୍ନ ପ୍ରକାର କଥା କହି ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ ପାଇଁ ଅନୁରୋଧ କରିଛନ୍ତି। ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁନୀଲ ମହାନ୍ତି ବିଭିନ୍ନ ସାହିଗଳିରେ ବୁଲି ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁରୀ ବିକାଶ, ବିଜୁ ଜନତା ଦଳର ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ସାଧାରଣଜନତାଙ୍କୁ ବୁଝାଇ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ସୁନୀଲଙ୍କ ପାଇଁ ତାଙ୍କ ମା' ମଧ୍ୟ ପୁରୀବାସୀଙ୍କ ପାଖରେ ଭୋଟ ଭିକ୍ଷା କରିଛନ୍ତି। ସେ ବିଭିନ୍ନ ସାହିରେ ଦଳୀୟ ସମର୍ଥକଙ୍କୁ ଧରି ପୁଅକୁ ଶଙ୍ଖ ଚିହ୍ନରେ ଭୋଟ ଦେବା ଲାଗି ନିବେଦନ କରିଛନ୍ତି। ସେହିପରି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀ ବ୍ଲକ ଏବଂ କଣାସ ବ୍ଲକରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସ ବର୍ମା ପ୍ରଚାର ଜୋର୍‌ଦାର କରିଛନ୍ତି।

ସେହିପରି ବିଜେପି ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ଦଳୀୟ ସମର୍ଥକଙ୍କ ସହ ବିଭିନ୍ନ ସାହିଗଳିରେ ବୁଲି ନିଜ ସମର୍ଥନରେ ଭୋଟ ମାଗିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ତେବେ ନିର୍ବାଚନୀ ପ୍ରଚାର ବନ୍ଦ ହେବା ପରେ ବିଭିନ୍ନ ପ୍ରାର୍ଥୀଙ୍କୁ ନେଇ ଯେଉଁ ନିର୍ବାଚନୀ ଗୀତ ଶୁଣିବାକୁ ମିଳୁଥିବା ତାହା ମଧ୍ୟ ଆଉ ଶୁଭୁ ନାହିଁ। ଏବେ ଭୋଟରଙ୍କ ହାତରେ ରହିଛି ପ୍ରାର୍ଥୀଙ୍କ ଭାଗ୍ୟ।

## ନିଶ୍ଚିତ ମତଦାନ ପାଇଁ ଜିଲ୍ଲାପାଳଙ୍କ ଅନୁରୋଧ

**ପୁରୀ, ୨୩।୫(ସମିସ):** ସ୍ୱଚ୍ଛ ତଥା ସୁଦୃଢ ଗଣତନ୍ତ୍ର ପାଇଁ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅତ୍ୟନ୍ତ ମୂଲ୍ୟବାନ। ଆସନ୍ତା ୨୫ ତାରିଖ ଶନିବାର ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଏବଂ ପିପିଲି ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏହାପରେ ଜୁନ୍ ୧ ତାରିଖ ଶନିବାର କାକଟପୁର ଓ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅବଗତ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ମତଦାତା ଉପରୋକ୍ତ ତାରିଖରେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ମତଦାନ କରି ଏହି ଦିବସକୁ ମତଦାତା ଉତ୍ସବ ଦିବସ ହିସାବରେ ପାଳନ କରି ସମସ୍ତେ ନିଜର ନିରପେକ୍ଷ ଏବଂ ମୁଲ୍ୟବାନ ମତଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

## ଗାଡି ମାଲିକଙ୍କ ବିରୁଦ୍ଧରେ ଗିରଫ ପରୱାନା

**ପୁରୀ, ୨୩।୫(ସମିସ):** ନିର୍ବାଚନ କାର୍ଯ୍ୟରେ ନିର୍ଦ୍ଦେଶ ଅବମାନନା କରିଥିବା ଯୋଗୁଁ ଗାଡି ମାଲିକମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ଚଳିତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପାଇଁ ପୁରୀ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ ମୁତାବକ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ କେତେକ ଗାଡି ମାଲିକଙ୍କ ଉଦ୍ଦେଶ୍ୟରେ ରେକୁଜିସନ୍ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶ ଅବମାନନା କରି ନିର୍ଦ୍ଦିଷ୍ଟ ନଅ ଗୋଟି ଇନୋଭା ଗାଡି ମାଲିକ ସେମାନଙ୍କ ଗାଡି ନିର୍ଦ୍ଧାରିତ ତାରିଖ, ସମୟ ଏବଂ ସ୍ଥାନରେ ଦାଖଲ କରିନଥିଲେ।

ଏହି ବିଷୟ ଜିଲ୍ଲାପାଳଙ୍କ ନଜରକୁ ଆଣିବା ପରେ ପୁରୀ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଆଇନ ଅନୁଯାୟୀ ସେହି ନଅ ଜଣ ଗାଡି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆରଟିଓ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବାଳାଶ୍ରମରେ ସ୍ୱେଚ୍ଛାକୃତ ସେବା

**ପୁରୀ, ୨୩।୫(ସମିସ):** ନରେନ୍ଦ୍ରକୋଣସ୍ଥିତ ବାଳାଶ୍ରମ ପରିସରରେ ବୁଧବାର ଅନ୍ତେବାସୀଙ୍କଭ ଜୟ ଜଗନ୍ନାଥ ଫାଉଣ୍ଡେଶନ ଖାତା, କଲମ, ପେନସିଲ, ରବର, ବିସ୍କୁଟ ଓ ଚକ୍‌ଲେଟ ବଣ୍ଟନ କରିଛି। ଅନୁଷ୍ଠାନର ସଭାପତି ରିଙ୍କି ବାରିକ କହିଥିଲେ, ଯେଉଁ ଅନ୍ତେବାସୀମାନେ ଏଠାରେ ରହୁଛନ୍ତି ଆମେ ସେମାନଙ୍କର ଜଣେ ଜଣେ ବନ୍ଧୁ ହୋଇ ତାଙ୍କ ସୁବିଧା ଅସୁବିଧାରେ ନିଜକୁ ସାମିଲ କଲେ ମହାପ୍ରଭୁ ଆମ ଉପରେ ଆଶୀର୍ବାଦ କରିବେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପଦେଷ୍ଟା ଲଲାଟେନ୍ଦୁ ମିଶ୍ର, ବିଜୟ ଭୂଷଣ ରଥ, ଗୀତାଶ୍ରୀ ପଟ୍ଟନାୟକ, ମଧୁସ୍ମିତା ପଟ୍ଟନାୟକ, ନର୍ମଦା ମହାନ୍ତି, ପୁଷ୍ପଲତା ସାହୁ, ନମିତା ମହାନ୍ତି, ଡିତା ସାହୁ, ସସ୍ମିତା ଜେନା, ସୁବ୍ରତା ସାମଲ, ସସ୍ମିତା ସାହୁ, ମାମାଲି ମିଶ୍ର ଓ ରଞ୍ଜୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ତେବାସୀମାନେ କିଛି ସମୟ ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ସହ ସମୟ ବିତାଇ ବେଶ୍ ଖୁସି ହୋଇଥିଲେ।

## ବୁଦ୍ଧ ପୂର୍ଣ୍ଣିମା ସମାରୋହ

**ପୁରୀ, ୨୩।୫(ସମିସ):** ବୌଦ୍ଧିକ ଅନୁଷ୍ଠାନ ବୋଧିଚକ୍ର ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତିପୀଠ ପରିସର ବୁଦ୍ଧଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଦ୍ଧ ପୂର୍ଣ୍ଣିମା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଜ୍ୟୋର୍ତିବିଦ ଅନାମ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବୌଦ୍ଧ ଧର୍ମର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମାବଲ୍ଲଭ ମହାପାତ୍ର, ବାସୁଦେବ ସାହୁ, ଉପାସକ ଉମେଶ ଚନ୍ଦ୍ର ଦାଶ, ସମାଜସେବୀ ପୁଷ୍ପା ପାତ୍ର, ଶଙ୍କରନାଥ ବାନାର୍ଜୀ, ଅଧ୍ୟାପକ ବିଭୂତି ଭୂଷଣ କର, ଅଧ୍ୟାପକ ଦେବରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପୁରୀ ଜିଲ୍ଲାରେ ୩୦,୯୫୭ ନୂଆ ଭୋଟର

**ପୁରୀ, ୨୩।୫(ସମିସ):** ମତଦାନ ଆମ ସାମ୍ବିଧାନିକ ଅଧିକାର। ସେଥିପାଇଁ କୁହାଯାଏ ମତଦାନ ଗଣତନ୍ତ୍ରର ମହାପର୍ବ। ଏହି ମହାପର୍ବରେ ପ୍ରଥମଥର ସାମିଲ ହୋଇଥିବା ଯୁବ ଭୋଟରମାନେ ମତଦାନ କରିବାକୁ ବେଶ୍ ଉତ୍ସାହିତ ଅଛନ୍ତି। ପୁରୀ ଜିଲ୍ଲାରେ ୧୮ରୁ ୧୯ ବର୍ଷ ବୟସର ୩୦, ୯୫୭ ଭୋଟର ରହିଛନ୍ତି, ଯେଉଁମାନେ କି ପ୍ରଥମଥର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୬, ୯୮୨ ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧୩, ୯୭୧ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୪ ଅଟେ। ସେହିପରି ୨୦ରୁ ୨୯ ବର୍ଷ ବୟସର ୨, ୬୧, ୩୫୮ ଭୋଟର ଥିବାବେଳେ ୩୦ ରୁ ୩୯ ବର୍ଷ

**ଜିଲ୍ଲାରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ମତଦାତାଙ୍କ ସଂଖ୍ୟା ୫୭୭**

ବୟସର ୨, ୯୧, ୬୭୯ ଭୋଟର ଅଛନ୍ତି। ୪୦ରୁ ୪୯ ବର୍ଷ ବୟସର ୩, ୧୬, ୮୬୭ ଭୋଟର, ୫୦ରୁ ୫୯ ବର୍ଷ ବୟସର ୨, ୨୮, ୮୫୩ ଭୋଟର, ୬୦ରୁ ୬୯ ବର୍ଷ ବୟସର ୧, ୫୬, ୧୯୮ ଭୋଟର, ୭୦ରୁ ୭୯ ବର୍ଷ ବୟସର ୮୫, ୮୮୬ ଭୋଟର, ୮୦ରୁ ୮୯ ବର୍ଷ ବୟସର ୩୩, ୬୮୧ ଭୋଟର, ୯୦ରୁ



୯୯ ବର୍ଷ ବୟସର ୭, ୪୫୬ ଭୋଟର, ୧୦୦ରୁ ୧୦୯ ବର୍ଷ ବୟସର ୫୨୧ ଜଣ ଭୋଟର, ୧୧୦ରୁ ୧୧୯ ବର୍ଷ ବୟସର ୫୩ ଜଣ ଓ ୧୨୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ୩ ଜଣ ଭୋଟର ରହିଛନ୍ତି। ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲାର ମୋଟ ଭୋଟରଙ୍କ ସଂଖ୍ୟା ୧୪, ୧୩, ୫୧୨ ଥିବାବେଳେ ସେଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭, ୨୫, ୭୮୪, ମହିଳା ଭୋଟରଙ୍କ ସଂଖ୍ୟା ୬, ୮୭, ୬୪୩ ଓ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୮୫ ଅଟେ। ୧, ୫୯୮ଟି ବୁଥ୍‌ରେ ଏହି ଭୋଟରମାନେ ମତାଧିକାର ସାବ୍ୟସ୍ତ କରିବେ। ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଚଳିତ ମାସ ୨୫ ତାରିଖରେ, କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ୍ ମାସ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ସମସ୍ତ ମତଦାତା ନିଜ ନିଜ ବୁଥ୍‌ରେ ନିଶ୍ଚୟ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି।

● ଶ୍ରୀମନ୍ଦିର ପରିସରରେ ଦୁର୍ଘଟଣା

## କୂଅରେ ପଡ଼ିଥିବା ବୃଦ୍ଧ ସୁରକ୍ଷିତ ଉଦ୍ଧାର

**ପୁରୀ, ୨୩।୫(ସମିସ):** ଶ୍ରୀମନ୍ଦିରରେ ପରିସରରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ମାତ୍ର ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ଏହି ଦୁର୍ଘଟଣାର ଶିକାର ବ୍ୟକ୍ତି ସୁରକ୍ଷିତ ଅଛନ୍ତି। ମନ୍ଦିର ପରିସର ଏକ କୂଅରେ ପଡ଼ିଥିବା ଜଣେ ବୃଦ୍ଧ ଭକ୍ତଙ୍କୁ ଅଗ୍ନିଶମ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ୭୦ ଫୁଟ ଗଭୀର କୂଅରେ ଜଣେ ବୃଦ୍ଧ ଖସିପଡ଼ିବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ଘଟଣାକୁ ନେଇ ସମସ୍ତେ ଏହା ମହାପ୍ରଭୁଙ୍କ ଆଶୀର୍ବାଦରୁ ସମ୍ଭବ ବୋଲି କହିଛନ୍ତି।

ଶ୍ରୀମନ୍ଦିର ଉତ୍ତର ଦ୍ୱାର ଐଶାନେଶ୍ୱର ମନ୍ଦିର ନିକଟରେ ରହିଛି ଏକ କୂଅ। ଏହାର ଗଭୀର ପ୍ରାୟ ୭୦ ଫୁଟରୁ ଅଧିକ ହେବ। ତେବେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିବା ପଶ୍ଚିମବଙ୍ଗର ବରିଷ୍ଠ ନାଗରିକ ଧ୍ରୁବ ଚକ୍ରବର୍ତ୍ତୀ କୌଣସି ପ୍ରକାରେ ଏହି କୂଅରେ ପଡ଼ିଯାଇଥିଲେ। ତୁରନ୍ତ ସମ୍ପର୍କୀୟଙ୍କଠାରୁ ଖବର ପାଇବା ପରେ ଅଗ୍ନିଶମ କର୍ମଚାରୀ ଆବଶ୍ୟକ ସରଞ୍ଜାମ ସହ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀ କୂଅ ଭିତରକୁ ସତର୍କତାର ସହ ପ୍ରବେଶ କରି ବୃଦ୍ଧଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ତେବେ ତାଙ୍କର କୌଣସି ବଡ଼ ଧରଣର ଆଘାତ ଲାଗି ନ ଥିବାବେଳେ ବିଭିନ୍ନ ସ୍ଥାନରେ ଆଞ୍ଚୁଡି ହୋଇଯାଇଛି। ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସୂଚନାଥାଉ କି, ସେହି କୂଅ ଉପରେ ଲୁହାର ଜାଲି ପଡ଼ିଥାଏ। କିନ୍ତୁ କିପରି ବୃଦ୍ଧ ଜଣଙ୍କ କୂଅ ଭିତରକୁ ଖସି ପଡ଼ିଲେ ତାହା ଜଣାପଡ଼ି ନାହିଁ। ବୋଧହୁଏ ସେ ଜାଲି ଟେକି ଦେଖୁଥିବା ବେଳେ ଗଳି ପଡ଼ିଥାଇପାରନ୍ତି ବୋଲି ଅଗ୍ନିଶମ ଅଧିକାରୀ ସନ୍ଦେହ କରୁଛନ୍ତି।

### ସମୁଦ୍ରରେ ଅଘଟଣ

## ଝିଅ, ସ୍ତ୍ରୀ ଆଗରେ ବୁଡ଼ିଯାଇ ଯୁବକ ମୃତ

**ପୁରୀ, ୨୩।୫(ସମିସ)**



ସମୁଦ୍ରରେ ଘଟିଛି ଅଘଟଣ। ଗାଧୋଇବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହେଲେ ସବୁଠୁ ହୃଦୟ ବିଦାରକ ଘଟଣା ହେଉଛି ବେଳାଭୂମିରେ ସ୍ତ୍ରୀ, ୬ ବର୍ଷର ଝିଅ ଏବଂ ଅନ୍ୟ ସମ୍ପର୍କୀୟ ବସିଥିବା ବେଳେ ତାଙ୍କ ଆଗରେ ଜୀବନ ଚାଲିଯାଇଛି। ମୃତକ ହେଉଛନ୍ତି ପିପିଲି ଥାନା ଅନ୍ତର୍ଗତ ନାରଣଖେତାର ମନୋରଞ୍ଜନ ପ୍ରଧାନ (୪୨)। ପୁଲିସ ସୂଚନା ଅନୁଯାୟୀ, ମନୋରଞ୍ଜନ ମାଉସୀ ପୁଅ ଭାଇ ନିରଞ୍ଜନ ଜେନାଙ୍କ ପରିବାର ସହ ନିଜ ପରିବାରକୁ ଧରି ବୀରପ୍ରତାପପୁର ଗ୍ରାମରେ ଏକ ଭୋଜିରେ ଯୋଗଦେଇ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସିଥିଲେ। ମାତ୍ର ମହାପ୍ରଭୁଙ୍କ ଦର୍ଶନ ପୂର୍ବରୁ ସମୁଦ୍ରରେ ସ୍ନାନ କରିବା ପାଇଁ କହିଥିଲେ ମନୋରଞ୍ଜନ। ଏହାରେ ସେମାନେ ଚକ୍ରତୀର୍ଥ ବେଳାଭୂମିକୁ ଯାଇଥିଲେ। ସମୁଦ୍ରରେ ମନୋରଞ୍ଜନ ସ୍ନାନ କରୁଥିବା ବେଳେ ତାଙ୍କ ଭାଇ ଭାଉଜ, ସ୍ତ୍ରୀ ଓ ଝିଅ ବେଳାଭୂମିରେ ବସିଥିଲେ। କିଛି ସମୟ ପରେ ମନୋରଞ୍ଜନଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ସେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ମନୋରଞ୍ଜନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନେବାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ରଖିଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମାନସ ଚକ୍ର କହିଛନ୍ତି।

## ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ମହୋତ୍ସବ

**ପୁରୀ, ୨୩।୫(ସମିସ):** ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ଗୁରୁବାର କ୍ଷୀରସାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ଦେଶ ଯାଦବ ସମିତି ସଭାପତି ଗଙ୍ଗାଧର ବେହେରା, ଉପ ସଭାପତି ଚିତ୍ତରଞ୍ଜନ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ଯାଦବ, କୋଷାଧ୍ୟକ୍ଷ ଗୌରାଙ୍ଗ ବେହେରା, ସହ ସମ୍ପାଦକ ପିତବାସ ବେହେରା, ପୁରୀ ସିଂହସ୍ଥାନ ଯାଦବ ସମିତି ସଭାପତି ସନ୍ତୋଷ କୁମାର ବେହେରା, ମୁରବୀ ରବି ବେହେରା, ପ୍ରଦିପ୍ତ ବେହେରା, କରି ବେହେରା, ପ୍ରଫୁଲ୍ଲ ବେହେରା, ଉପଦେଷ୍ଟା ଶଙ୍କର ବେହେରା, ଗୁଣ୍ଡୁଚି ବେହେରା, ଇନ୍ଦିରା ବେହେରା, ଗଦାଧର ବେହେରା, ଧାତ୍ରୁ ବେହେରା, ଶନିଆ ମହାଭୋଇ, ଭିକାରୀ ବେହେରା, ମକୁ ଜେନା, ବିରେନ୍ଦ୍ର ବେହେରା, ଭିକାରି ମହାକୁଡ, କବି ବେହେରା, ବୀରକିଶୋଗ ବେହେରା, ସୁରେଶ ମାଣିଆ, କାଳିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ

# ବୁଥ୍‌କୁ ଗଲେ ୨୭୧ ପୁଲିଂ ପାର୍ଟି




**ପୁରୀ, ୨୩।୫(ସମିସ)**

ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ୨୭୧ ଗୋଟି ବୁଥ୍‌ରେ ନିର୍ବାଚନ ପରିଚାଳନା ପାଇଁ ପ୍ରିଜାଇଡିଂ ଓ ପୁଲିଂ ଅଫିସରମାନଙ୍କୁ ଗୁରୁବାର ପଠାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାହ୍ନରେ ପୁଲିଂ ପାର୍ଟିମାନଙ୍କ ପାଇଁ ଡିସ୍‌ପରସାଲର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଡିସ୍‌ପରସାଲ କେନ୍ଦ୍ରରେ ଉପସ୍ଥିତ ରହି ପୁଲିଂ ପାର୍ଟି ଯେପରି ଶୃଙ୍ଖଳିତ ଭାବେ ନିଜ ନିଜ ବୁଥ୍‌କୁ ଯିବେ ତାହାର ତଦାରଖ କରିଥିଲେ। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ମତଦାନ ଆସନ୍ତା ୨୫ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୨୭୧ ଟି ବୁଥ୍‌ରେ ୨, ୨୮, ୮୪୨ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିମଧ୍ୟରେ ୧, ୧୭, ୫୦୧ ପୁରୁ. ୧, ୧୧, ୩୨୯ ମହିଳା ଏବଂ ୧୨ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ଯେହେତୁ ଗମନାଗମନ ଦୃଷ୍ଟିରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକକୁ ପହଞ୍ଚିବା ବିଳମ୍ବ ହୋଇଥାଏ ସେଥିପାଇଁ ଆଗୁଆ ପୁଲିଂ ପାର୍ଟିମାନଙ୍କୁ ପଠାଯାଇଛି। ତେବେ ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଏବଂ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥିତ ଡିସ୍‌ପରସାଲ କେନ୍ଦ୍ରରେ ପୁଲିଂ ପାର୍ଟିମାନଙ୍କୁ ଶୁକ୍ରବାର ନିର୍ଦ୍ଧାରିତ ବୁଥ୍‌ମାନଙ୍କୁ ପ୍ରେରଣ କରାଯିବ। ଡିସ୍‌ପରସାଲ ଯେପରି ଶୀଘ୍ର ଓ ଶୃଙ୍ଖଳିତ ଭାବେ ହୋଇପାରିବ ସେଥିପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୂଚନା ଦେବା ସହ ଦାୟିତ୍ୱ ଦିଆଯାଇଥିବା ସମସ୍ତ ପ୍ରିଜାଇଡିଂ, ପୁଲିଂ ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ନିର୍ଦ୍ଧାରିତ ସମୟରେ ଡିସ୍‌ପରସାଲ କେନ୍ଦ୍ରରେ ରିପୋର୍ଟ କରିବାକୁ ଅନୁରୋଧ କରିଛନ୍ତି। ସମସ୍ତ ରିଟର୍ଣ୍ଣିଂ ଅଫିସର ଓ ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଅଧିକାରୀ ସଠିକ ସମୟରେ ଡିସ୍‌ପରସାଲ କେନ୍ଦ୍ରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଆଜି ପୁରୀ, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀକୁ ଯିବେ ପୁଲିଂ ପାର୍ଟି**

**କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା**

# ନିମାପଡ଼ାକୁ ମୁଖ୍ୟମନ୍ତ୍ରୀ ଦେବେ ସ୍ୱତନ୍ତ୍ର ଫୋକସ୍









**ନିମାପଡ଼ା, ୨୩ା୫(ସମିସ)**

ନିମାପଡ଼ାସ୍ଥିତ ବାରବାଟୀ ପଡ଼ିଆରେ ବିଜୁ ଜନତା ଦଳର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପ୍ରଥମେ ହେଲିପ୍ୟାଡରେ ଓହ୍ଲାଇ ସଭାସ୍ଥଳକୁ ଯିବା ସମୟରେ ଉପସ୍ଥିତ ଜନସାଧାରଣ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କରିଥିଲେ। ଶ୍ରୀ ପାଣ୍ଡିଆନ ଲୋକମାନଙ୍କ ସେଲ୍‌ଫି ନେଇଥିଲେ। ଆୟୋଜିତ ସଭାରେ ଶ୍ରୀ ପାଣ୍ଡିଆନ ଯୋଗଦେଇ ନିମାପଡ଼ାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଫୋକସ ଦେବେ ବୋଲି କହିଛନ୍ତି। ନିମାପଡ଼ା ଅଞ୍ଚଳର ସୋମନାଥ ମନ୍ଦିର, ଅମରେଶ୍ୱର ମନ୍ଦିର, ଜଟେଶ୍ୱର ମନ୍ଦିର ଗୁଡ଼ିକ '୫-ଟି'ରୂପାନ୍ତିକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ନବୀନ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଜୁନ ୯ ତାରିଖରେ ଶପଥ ଗ୍ରହଣ କରିବେ। ଜୁଲାଇ ମାସ ଠାରୁ ବିଜୁଳି ଛାଡ ପ୍ରଥମ ଦସ୍ତଖତ, ବିଏସକେଓ୍ୱାଇ ପାଇଁ ଦ୍ୱିତୀୟ ଦସ୍ତଖତ ଓ ମିଶନ ଶକ୍ତି ମାଆମାନଙ୍କ ପେନସନ ପାଇଁ ୩ୟ ଦସ୍ତଖତ କରିବେ। ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କୁ ଦୁଇଟି ଶଙ୍ଖରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ସହ ସାଂସଦ ପ୍ରାର୍ଥୀ ଡା. ମଲ୍ଲିକ, ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ନିମାପଡ଼ା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ବିଜେଡି ମହିଳା ମୋର୍ଚ୍ଚା ସମ୍ପାଦିକା କସ୍ତୁରୀ ବାଳା ସ୍ୱାଇଁ, ୧୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ କୁଞ୍ଜଲତା ସାମଲଙ୍କ ସମେତ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସମାବେଶରେ ୨୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।



## ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ମୃତ

**କଣାସ, ୨୩।୫(ସମିସ):** କଣାସ ଥାନା ଅର୍ନ୍ତଗତ ବେଣାଗାଁ ନିକଟ ଦୟାନଦୀ ବନ୍ଧରେ ଏକ ହମ୍ପସ୍ ପାରି ହେଉଥିବା ସମୟରେ ଭାରସାମ୍ୟ ହରାଇ ଘରେ ଭିତରେ ପଶି ଯିବାରୁ ଘରଭିତରେ ଖାଇ ବସିଥିବା ସ୍ୱାମୀ, ସ୍ତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଡ୍ରାଇଭର ଗାଡିରୁ ଛିଟିକି ଯାଇ ତଳେ ପଡ଼ି ମୃତ୍ୟୁବରଣ କରିଛି। ବୁଧବାର ରାତି ୧୧ଟା ସମୟରେ ଟ୍ରାକ୍ଟର ନଂ ଓଡି୧୩ଏଲ୍-୮୪୮୭ କଣାସରୁ ଦୟାନଦୀବନ୍ଧରେ ଜଙ୍କିଆ ଗଡ଼ସାହି ଯାଉଥିବା ସମୟରେ ବେଣାଗାଁ ନିକଟରେ ଏକ ହମ୍ପସ୍ ପାରି ହେଉଥିବା ବେଳେ ଭାରସାମ ହରାଇ ବନ୍ଧତଳକୁ ଗଡ଼ିଯାଇ ବନ୍ଧତଳେ ଥିବା ବାନାମ୍ବର ମହାପାତ୍ରଙ୍କ ଘର ଭିତରେ ପଶିଯାଇଥିଲା। ଡ୍ରାଇଭର ବିମ୍ବାଧର ମହାପାତ୍ର (୪୫) ଗାଡିରୁ ଛିଟିକିଯାଇ ତଳେପଡ଼ି ମୁଣ୍ଡରେ ଗଭିର ଆଘାତ୍ ଲାଗି ରକ୍ତଶ୍ରାବ ହେଉଥିବା। ଘରଭିତରେ ଖାଇବସିଥିବା ବାନାମ୍ବାର ମହାପାତ୍ର ଓ ତାଙ୍କ ପତ୍ନୀ ଅଳ୍ପକେ ରକ୍ଷା ପାଇଯାଇଥିଲେ। ସ୍ଥାନୀୟଲୋକ କଣାସ ପୁଲିସ୍‌କୁ ଖବର ଦେବାସହ ୧୦୮ ଆମ୍ବୁଲାନ୍ସ ଡାକି ଆହାତ ବାନାମ୍ବରଙ୍କୁ ଚିକିତ୍ସା ପାଇଁ ପୁରୀ ପଠାଇ ଦେଇଥିଲେ। ପ୍ରବଳ ରକ୍ତ ଶ୍ରାବ ଯୋଗୁଁ ବାନାମ୍ବରର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଥିଲେ। ଖବର ପାଇ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ବାଙ୍କେଶ୍ୱର ଦେବଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

**ଡେଲାଙ୍ଗ, ୨୩ା୫(ସମିସ):** ଡେଲାଙ୍ଗ ବ୍ଲକର ପିତପାଟଣା ଗ୍ରାମର ଆରାଧ ବାବାବାଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୨୧ ଜଣ ମାନସିକ କଳସଧାରୀ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞମଣ୍ଡପରେ କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବାଦେବୀ ଆବାହନ, ଅଗ୍ନିସ୍ଥାପନ, ଶାଳାପୂଜା, ଚଣ୍ଡିପାଠ, ଶୈବ ଆହୁତୀ, ନାମସଙ୍କିର୍ତ୍ତନ ଆଦି କରାଯାଇଥିଲା। ଯଥାବିଧି ପୂଜାଅର୍ଚ୍ଚନା ଓ ଯଜ୍ଞ ଆଦିକର୍ମ ମୁଖ୍ୟପୂଜକ ରବିନାରାୟଣ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ କର୍ତ୍ତା ଭାବେ ରାମକୃଷ୍ଣ ପରିଡ଼ା, କର୍ତ୍ତି ଭାବେ ତାଙ୍କ ଧର୍ମପତ୍ନୀ ଶୀତା ପରିଡ଼ା କାର୍ଯ୍ୟନିର୍ବାହ କରିଥିଲେ। ଯଜ୍ଞକମିଟି ସଭାପତି ମହେଶ୍ୱର ଜେନା, ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପରିଡ଼ାଙ୍କ ସମେତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶତାଧିକ ମହିଳାପୁରୁଷ ଯୋଗଦେଇ ପ୍ରଭୁ କୃପାଲାଭ କରିଥିଲେ।

**ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଲାଗି ପ୍ରଶାସନର ପ୍ରସ୍ତୁତି**

## ୨୭୪ ବୁଥ୍‌ରେ ୨.୩୭୧୨୮ ଭୋଟର କରିବେ ମତଦାନ

**ପିପିଲି, ୨୩।୫(ସମିସ):** ନିର୍ବାଚନ ମଣ୍ଡଳୀରେ ୨୫ ତାରିଖ ଶନିବାର ଦିନ ଭୋଟ। ଏହି ପରିପ୍ରେକ୍ଷୀରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ୨୭୪ବୁଥରେ ଦୁଇ ଲକ୍ଷ ସଇଁତିରିଶି ହଜାର ଏକ ଶହ ଅଠେଇସ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଏଥିରେ ପିପିଲି ବ୍ଲକର ପୁରୁଷ ଭୋଟର ୬୯ହଜାର ୫୬୭ଜଣ ଥିବା ବେଳେ ମହିଳା ଭୋଟର ୬୬ହଜାର ୩୨୯ଜଣ ଏବଂ ତୃତୀୟ ଲିଙ୍ଗ ୫ ଜଣ ଏମିତି ମୋଟ ଏକ ଲକ୍ଷ ୩୫ହଜାର ୯ ଶହ ଏକ ଜଣ ଅଛନ୍ତି। ସେହିପରି ଡେଲାଙ୍ଗ ବ୍ଲକରେ ପୁରୁଷ ଭୋଟର ୫୨ ହଜାର ଏକ ଶହ ୫ ଜଣ ଥିବାବେଳେ ମହିଳା ଭୋଟର ୪୯ହଜାର ୧୨୯ଜଣ ଏବଂ ତୃତୀୟଲିଙ୍ଗ ଜଣଙ୍କୁ ମିଶାଇ ମୋଟ ଏକ ଲକ୍ଷ ଏକ ହଜାର ଦୁଇଶହ ସତେଇସ ଜଣ। ତେବେ ଚଳିତ ନିର୍ବାଚନରେ ନୂତନ ଭୋଟର ୬ ହଜାର ୫ ଶହ ୮୩ଜଣ ୧ ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ୩୫୭୬ହୋଇଥିବା ବେଳେ ମହିଳା ଭୋଟର ୩୦୦୭ଜଣ। ସେହିଭଳି ପିପିଲିରେ ୧୫୫ବୁଥ ଥିବାବେଳେ ଡେଲାଙ୍ଗ ବ୍ଲକରେ ୧୧୯ଟି ବୁଥ ରହିଛି ୧ ପିପିଲି, ବଳଙ୍ଗା, ଏବଂ ଡେଲାଙ୍ଗ ଥାନା ମିଳିତ ଭାବେ ନିର୍ବାଚନ ମଣ୍ଡଳୀକୁ ପରିଚାଳନା କରିବେ। ଡେଲାଙ୍ଗ ଥାନା ଅଧୀନରେ ୧୧୯ଟି ବୁଥ ଥିବା ବେଳେ ବଳଙ୍ଗା ଥାନା ଅଧୀନରେ ୨୩ଟି ବୁଥ, ପିପିଲି ଥାନା ଅଧୀନରେ ୧୧୫ଟି ଏବଂ ପୌରାଞ୍ଚଳ ରେ ୧୭ଟି ବୁଥ ରହିଛି। ନିର୍ବାଚନ ମଣ୍ଡଳୀରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ପାଇଁ ୧୫ଟି ବଳଙ୍ଗା ପାଇଁ ୪ଟି ଏବଂ ଡେଲାଙ୍ଗ ପାଇଁ ୧୧ ମୋବାଇଲ ପାର୍ଟି ନିଯୁକ୍ତି ହୋଇଛନ୍ତି। ପିପିଲି ପାଇଁ ୨୩ଜଣ ସେକ୍ଟର ଅଫିସର ଏବଂ ଡେଲାଙ୍ଗ ପାଇଁ ୧୭ଜଣ ସେକ୍ଟର ଅଫିସର ନିଯୁକ୍ତି ହୋଇଛନ୍ତି ପିପିଲି ପୁଲିସ ଅଧୀନରେ ୨୫ଟି ବଳଙ୍ଗା ଥାନାରେ ତିନିଗୋଟି, ଡେଲାଙ୍ଗ ଥାନାରେ ଦୁଇଟି କ୍ରିଟିକାଲ ବୁଥ ଥିବାର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ଠାରୁ ପ୍ରକାଶ। ତେବେ ନିର୍ବାଚନ ମଣ୍ଡଳୀରେ ସଖୀ ବୁଥ, ଇକୋ ଫ୍ରେଣ୍ଡଲି ବୁଥସବୁଜସୁନ୍ଦର ବୁଥ ଏବଂ ପିଡବ୍ଲୁଡି ବୁଥ ଆଦି ୩୮ଗୋଟି ବୁଥ କରାଯାଇଛି ସେଥିମଧ୍ୟରୁ ଡେଲାଙ୍ଗ ବ୍ଲକରେ ୧୮ଟି ପିପିଲି ବ୍ଲକରେ ୨୦ଟି ରହିଛି।

## ସଭାମଣ୍ଡପ ନିକଟରେ ବାରଦୋଳ ମେଳଣ



**ନିମାପଡ଼ା, ୨୩ା୫ (ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ ସଭାମଣ୍ଡପ ନିକଟରେ ପବିତ୍ର ବୈଶାଖ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭାଗବତ ବାସୁଦେବଙ୍କ ବାରଗାଦୀ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ପରମ୍ପରା ପ୍ରାୟ ୫ ଶହ ଉର୍ଦ୍ଧ୍ୱ ସମୟ ଧରି ଚାଲିଆସୁଅଛି। ଏହି ମେଳଣରେ ଥାନପତି ଭାବେ ତୁଳସୀପୁର ଭାଗବତ ବାସୁଦେବଗାଦୀ, ଭାଣପୁର, ଚହଟା, ଛଣିଜଙ୍ଗ, ଜାହାଙ୍ଗିରପୁର, ବାସୁଦେଇପୁର, ଦଣ୍ଡିକେରା, ବାଲୁଙ୍କ, ବନମାଳୀପୁର, ବଳଭଦ୍ରପୁର, କେଶ୍ୱେରାଇପୁର ଓ ସାନହୁଲି ଆଦି ଗ୍ରାମରୁ ସୁସଜ୍ଜିତ ବିମାନରେ ଠାକୁର ଆସି ମେଳଣ ପଡ଼ିଆଠାରେ ଭେଟ ହୋଇଥିଲେ। ପ୍ରଥମେ ତୁଳସୀପୁର ଗ୍ରାମର ଥାନପତି ଠାକୁର ମଣ୍ଡପରେ ବିରାଜମାନ କରିବା ପରେ ଅନ୍ୟ ଠାକୁରମାନେ ବସିଥିଲେ। ପୂଜକଙ୍କ ଦ୍ୱାରା ଠାକୁରଙ୍କ ସ୍ନାନ ପରେ ପୂଜାର୍ଚ୍ଚନା କରାଯାଇ ଦ୍ୱାଦଶ ସ୍କନ୍ଦ ଶୀମଦ୍ ଭାଗବତ ପାଠ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ ଭୋଗରାଗ ସରିବା ପରେ ଦୋଳମାନେ ନିଜ ନିଜ ସ୍ୱ ମନ୍ଦିରକୁ ଫେରିଯାଆନ୍ତି। ଏହି ଅବସରରେ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ବାରଦୋଳଙ୍କୁ ଦର୍ଶନ କରିବା ସହ ଯାତ୍ରାର ବିଭିନ୍ନ ଷ୍ଟଲ ବୁଲି ମଜା ଉଠାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଥତସ ବାଜିରେ ସାରା ମେଳଣ ପଡ଼ିଆ ପ୍ରକମ୍ପିତ ହୋଇ ପଡ଼ିଥିଲା।

**ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ**

## ଗାଁ ଠୁ ସହର ପ୍ରଚାରରେ କମ୍ପିଲା



**କଣାସ, ୨୩।୫(ସମିସ):** ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ନାଚନ ମଣ୍ଡଳୀରେ ଆସନ୍ତା ୨୫ତାରିଖ ଦିନ ଭୋଟ ଗ୍ରହଣ ହେବ। ଏଠାରେ ବିଜେପି, ବିଜେଡି, ବହୁଜନସମାଜ ପାର୍ଟି, ସିପିଏମ୍ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୧୦ଜଣ ନିର୍ବାଚନ ଲଢୁଛନ୍ତି। ଏଠାରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ବିଜେଡିରୁ ଲଢୁ ଥିବା ବେଳେ ୨୦୧୪ ଓ ୨୦୧୯ ମସିହାରେ ନିର୍ବାଚନ ହାରିଥିବା ଓମ୍ ପ୍ରକାଶ ମିଶ୍ର ବିଜେପିରୁ ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ପକ୍ଷରୁ ମନୋଜ କୁମାର ରଥ, ସ୍ୱାଧିନ ଭାବେ କାମାକ୍ଷା ପ୍ରଧାନ, ସିପିଏମ୍ ପକ୍ଷରୁ ଅଶୋକ ପ୍ରଧାନ, ବହୁଜନସମାଜ ପାର୍ଟି ଓ ଅନ୍ୟାନ୍ୟ ସ୍ୱାଧୀନ ପ୍ରାର୍ଥୀ ଲଢୁଥିବା ବେଳେ ମୁଖ୍ୟତଃ ବିଜେଡିର ସଞ୍ଜୟ ଦାସ ବର୍ମା ଓ ବିଜେପି ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ମଧ୍ୟରେ ଟକ୍କର ହେଉଥିବା ଜଣାପଡ଼ିଛି। ଶ୍ରୀ ବର୍ମା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ଭୋଟରଙ୍କୁ ବୁଝାଇ ଭୋଟ ଭିକ୍ଷା କରୁଥିବା ବେଳେ ଓମ୍ ପ୍ରକାଶ ମିଶ୍ର ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇବା ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

## କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ'



**ସାକ୍ଷୀଗୋପାଳ, ୨୩ା୫ (ସମସି):** ନିର୍ବାଚନ ପ୍ରଚାର ଶେଷ ଦିନରେ ସତ୍ୟବାଦୀରେ କଂଗ୍ରେସ ପ୍ରାର୍ଥୀ ମନୋଜ ରଥ ସମର୍ଥକଙ୍କୁ ସାଙ୍ଗରେ ଧରି ଶୁଳକ ମେଳନ ପଡ଼ିଆରୁ ବାଇକ୍ ଶୋଭାଯାତ୍ରା କରିଥିଲେ। ହଜାରରୁ ଅଧିକ ସଂଖ୍ୟାରେ କଂଗ୍ରେସ କର୍ମୀ ବିଭିନ୍ନ ନାରା ଦେଇ ଶୁକଳ, ମଧୁବନ, ଅଳଗୁମ, ନୂଆସୋମେଶ୍ୱରପୁର, ବୀରରାମଚନ୍ଦ୍ରପୁର, ଜୟପୁର, ପେଣ୍ଠପଡ଼ା, ବଳପୁର, ସାରଙ୍ଗଯୋଡି ଆଦି ପଞ୍ଚାୟତ ଦେଇ କେତକୀପାଟଣା ପଞ୍ଚାୟତ ଠାରେ ପହଞ୍ଚିଥିଲା। ସେଠାରେ ଶ୍ରୀ ରଥ ଭୋଟରମାନଙ୍କୁ ତାଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ବାଇକ୍‌ଶୋଭାଯାତ୍ରା ଯିବା ସମୟରେ ବିଭିନ୍ନ ଛକରେ ମହିଳାମାନେ ଶ୍ରୀ ରଥଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

## ଶ୍ରୀରାଧାକାନ୍ତ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



**ନୟାହାଟ, ୨୩।୫(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ଗ୍ରାମର ଶ୍ରୀରାଧାକାନ୍ତ ଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ପାଇଁ ଗ୍ରାମ ପୋଖରୀରୁ ସୁତନ୍ତ୍ର ନିତି ନିୟମ ଅନୁସାରେ ଘଣ୍ଟ ପଖୋଜ ବଜାଇ ନାମ କୀର୍ତ୍ତନ କରି କଳସ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ବଳରାମ ମହାପାତ୍ର, ରତିକାନ୍ତ ଦାସ, ମନୋଜ ମହାପାତ୍ର ପୂଜାରେ ବସିଥିବା ବେଳେ କର୍ତ୍ତି ଭାବେ ନିବେଦିତା ମହାପାତ୍ର, ରିତାରଣୀ ଦାଶ, କଳ୍ପନା ମହାପାତ୍ର ପୂଜାରେ ବସିଥିଲେ। ୨୨ ତାରିଖରେ ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଛି।ଯଜ୍ଞ କାର୍ଯ୍ୟକ୍ରମରେ ଛଣିଜଙ୍ଗ ଗ୍ରାମର ମହେନ୍ଦ୍ର ମହାପାତ୍ର, ଅକ୍ଷୟ ପଟ୍ଟନାୟକ, ଅନିଲି ମହାପାତ୍ର, ଜଗନ୍ନାଥ ମହାପାତ୍ର, ବିଶ୍?ଜିତି ମହାଯଜ୍ଞ, ଜିତେନ୍ଦ୍ର ମହାପାତ୍ର ପ୍ରକାଶ ବେହେରା, କାଳିଆ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**କୃଷ୍ଣପ୍ରସାଦ, ୨୩।୫(ସମିସ):** ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ୨୫ ତାରିଖରେ ମତଦାନ ହେବ। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ନିର୍ବାଚନରେ ସ୍ୱଚ୍ଛତା ନିରପେକ୍ଷ ଶାନ୍ତିଶୃଙ୍ଖଳା ସହ ଅବାଧ ମୁକ୍ତ ମତଦାନ ପାଇଁ ଗୁରୁବାର କୃଷ୍ଣପ୍ରସାଦ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସିଆଣ୍ଡି ପଞ୍ଚାୟତର ଗୋପାଳପୁର, ସିଆଳ ପଞ୍ଚାୟତର କହ୍ନେଇପୁର, ମୋରଡା ଏବଂ ମାଲୁଦ ଆଦି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। କୃଷ୍ଣପ୍ରସାଦ ଥାନାର ସବଇନ୍ସପେକ୍ଟର ଚନ୍ଦ୍ରଶେଖର ନାୟକ, ସବଇନ୍ସପେକ୍ଟର ସୁଜିତ କୁମାର ସାହୁ, ଏଏସ୍‌ଆଇ ସୁବ୍ରତ କୁମାର ନାୟକଙ୍କ ସମେତ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ଭୋଟରମାନେ ଭୟଭୀତ ନହୋଇ ନିଜର ସ୍ୱାଧୀନତାକୁ ସାବସ୍ତ୍ୟ କରିବାକୁ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଫ୍ଲାମାର୍ଚ୍ଚ ଜରିଆରେ ସଚେତନ କରାଇଥିଲେ।

**ଶେଷ ଦିନରେ ବିଜେଡି ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର**

## ପ୍ରଚାର ମୈଦାନରେ ସିନେ ତାରକା ଅର୍ଦ୍ଧେନ୍ଦୁ

**ଡେଲାଙ୍ଗ, ୨୩ା୫(ସମିସ)**



ସାଧାରଣ ନିର୍ବାଚନ ନିମନ୍ତେ ମତଦାନ ଆଉ ମାତ୍ର ୨ଦିନ ବାକି ରହିଥିବା ବେଳେ ପ୍ରଚାର ଶେଷ ଦିନରେ ଡେଲାଙ୍ଗ ବ୍ଲକରେ ବିଜେଡି ପ୍ରାର୍ଥୀ ପ୍ରଚାର ଜୋର୍‌ଦାର କରିଛି। ମିଶନ ଶକ୍ତି ମହିଳାଙ୍କ ଠାରୁ ଆରମ୍ଭ କରି ସିନେ ତାରକା ପର୍ଯ୍ୟନ୍ତ ସମସ୍ତେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥି ବିଶାଳ ବାଇକ୍ ଶୋଭାଯାତ୍ରା କରିବା ବିଭିନ୍ନ ଗାଁ ପରିକ୍ରମା କରି ଭୋଟଭିକ୍ଷା କରିଛନ୍ତି। ସେହିପରି ସାଉରିଆ ପଞ୍ଚାୟତରେ ରୁଦ୍ରଙ୍କ ଭଉଣୀ ପଲ୍ଲବୀ ଓ ସିନେ ତାରକା ଅର୍ଦ୍ଧେନ୍ଦୁ ସାହୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ଓ ୯ଦଫା ନିର୍ବାଚନୀ ଇସ୍ତାହାର ବିଷୟରେ ଲୋକମାନଙ୍କୁ ବୁଝାଇବା ସହିତ ଭୋଟ ଭିକ୍ଷା କରିଥିଲେ। ଅନ୍ୟପଟେ ରେଙ୍ଗଳ, ଗୁଆଳିପଡ଼ା, ଘନିପୁର ଆଦି ପଞ୍ଚାୟତରେ ମିଶନଶକ୍ତି ମହିଳା ଗୋଷ୍ଠିର ସଦଶ୍ୟାମାନେ ଘରକୁ ଘର ବୁଲି ଶେଷ ଦିନରେ ଜୋର୍‌ଦାର ପ୍ରଚାର କରିଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବ୍ଲକ ବିଜେଡି ସଭାପତି ବ÷ରାଗୀ ଜେନା, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ଦିପ୍ତିଶ୍ରୀ ରାଉତରାୟ, ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ଜେନା, ନବଘନ ପ୍ରଧାନ, ବରିଷ୍ଠକର୍ମୀ ରତ୍ନାକର ଜେନା, ପ୍ରଦୀପ୍ତ କୁମାର ସ୍ୱାଇଁ, ସାରଙ୍ଗ ତ୍ରିପାଠୀ, ସୌଭାଗ୍ୟ ବରାଳ, କହ୍ନେଇ ପରିଡ଼ା, ଯୁବ ନେତା, ସୁଦୀପ୍ତ ନାୟକ, ସୌମ୍ୟରଞ୍ଜନ ରାଉତ, ବିଶ୍ୱ ପାଲଟାସିଂହ, ସଭାନେତ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ, ସ୍ୱର୍ଣ୍ଣମୟୀ ଜେନା, କବିତା ଜେନା ପ୍ରମୁଖ ଉପସ୍ଥିତଥିଲେ।

## ସରିଲା ନିର୍ବାଚନୀ ପ୍ରଚାର

# ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିଲେ ଅରୁଣ



ନୟାଗଡ଼, ୨୩।୫(ସମିସ):

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ୩ ଗୋଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ହେବାକୁ ଯାଉଛି ଭୋଟ ଦାନ। ଆଜି ସରିଛି ପ୍ରଚାର କାର୍ଯ୍ୟ। ଶେଷ ଦିନରେ ସବୁ ଦଳ ପକ୍ଷରୁ ପ୍ରୟାସ ଜାରି ରହିଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଥିବା ଡ. ଅରୁଣ କୁମାର ସାହୁଙ୍କ ପ୍ରଚାର କାର୍ଯ୍ୟ ନିଆରା ହୋଇଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି, ବିଜେପି ଓ କଂଗ୍ରେସ ଦଳ ମଧ୍ୟରେ ଲଢ଼େଇ ହେବାକୁ ଯାଉଥିବା ବେଳେ ବିଜେଡି ପ୍ରଚାରରେ ୧ନଂ ସ୍ଥାନରେ ରହିଛି। ବିଜେଡି ପ୍ରାର୍ଥୀ ଡ. ସାହୁ ନୟାଗଡ଼ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ଭେଟି ସାରିଲେଣି। କଂଗ୍ରେସ ଓ ବିଜେପି ପକ୍ଷରୁ ପ୍ରଚାର ପ୍ରସାର ଯୋର କରାଯାଉଥିଲେ ମଧ୍ୟ ପ୍ରାର୍ଥୀମାନେ ଲୋକଙ୍କ ପାଖରେ ପହଞ୍ଚି ପାରି ନାହାନ୍ତି। ଏପରିକି ଅନେକ ଗାଁର ଲୋକ ପ୍ରାର୍ଥୀମାନଙ୍କୁ ଦେଖି ପାରି ନାହାନ୍ତି। ଆଜି ନିର୍ବାଚନର ଶେଷ ଦିନରେ ନୟାଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଡ. ସାହୁ ସକାଳ ୭ଟାରୁ ଡେଙ୍ଗେରାଗୋଡି, ରାଧାନାଥପୁର, ଗଦାଧରପ୍ରସାଦ, ଚମ୍ପତିପୁରରେ ପଦଯାତ୍ରା, ଇଟାମାଟିରେ ବାଇକ୍ ରାଲି, ମର୍ଦ୍ଦରାଜପୁରରେ ଉଦ୍‌ବୋଧନ ସହିତ ଚିନରେ, ନାଗମୁଣ୍ଡୁଳି, ଆଡ଼ଚେର ଓ ଗମେଇରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମୁଣ୍ଡରେ ଠେକା ଦେଇ ଡ. ସାହୁ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ନବୀନଙ୍କ ଗୋଟିଏ ଛତାରେ ସମସ୍ତ କର୍ମୀ ପାଗଳ ହୋଇଛନ୍ତି। ପ୍ରଚାର କାର୍ଯ୍ୟର ଶେଷ ଦିନରେ ଅରୁଣ ନିର୍ବାଚନ ମଣ୍ଡଳୀର ସମସ୍ତ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଲୋକମାନଙ୍କୁ ସଚେତନ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ନୟାଗଡ଼କୁ ଭଲ ପାଇ ଆସୁଛନ୍ତି। ତାଙ୍କ ପାଇଁ ଆଜି ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିକାଶଶୀଳ ହୋଇଛି। ସାରା ଦେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ନବୀନଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଉଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତାକୁ ଦ୍ୱିଗୁଣିତ କରାଯାଇଛି। ଏଥି ସହିତ ଆଗାମୀ ଦିନରେ ମାଗଣା ବିଜୁଳି ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ରାସ୍ତାଘାଟଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏହା ସହ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଥିବା ପ୍ରକାଶ କରିଥିଲେ ବିଧାୟକ ପ୍ରାର୍ଥୀ ଅରୁଣ। ନିର୍ବାଚନ ନୁହେଁ ବର୍ଷତମାମ ଆପଣ ମାନଙ୍କ ପାଖରେ ମୁଁ ରହି ଆସିଛି। ଲୋକଙ୍କ ସେବା ପାଇଁ ମୁଁ ସବୁବେଳେ ତତ୍ପର ଏବଂ କାର୍ଯ୍ୟ କରିବା ମୋର ଏକ ନିଶା ବୋଲି କହିଥିଲେ। ଏହି ବିଜୟ କେବଳ ମୋର ହେବନାହିଁ, ବରଂ ମୋ ଅଞ୍ଚଳବାସୀଙ୍କର ବିଜୟ ହେବ ବୋଲି କହିଥିଲେ। ଠିକ ସେହିପରି କୌଣସି ବିକାଶମୂଳକ କାର୍ଯ୍ୟକୁ ଯେପରି କଷ୍ଟ ସ୍ୱୀକାର କରି ନିର୍ମାଣ କରାଯାଇଥାଏ, ସନ୍ତାନକୁ ଜନ୍ମ ଦେଇଥିବା ମା' ହିଁ ବୁଝିପାରିବ। ଆଶା କରୁଛି ଆପଣ ସେ କଷ୍ଟକୁ ବୁଝିପାରିବେ। ସେ କଷ୍ଟକୁ ସହ୍ୟ କରିବା ଲାଗି ଶକ୍ତି ଓ ସାହସ ଯୋଗାଇଦେବେ ଓ ଯୋଡ଼ି ଶଙ୍ଖରେ ଆଶୀର୍ବାଦ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ସାରା ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବେ ବୋଲି କହିଥିଲେ ଅରୁଣ। ବିଜୁ ଜନତା ଦଳ ସରକାର ଗଠନ ପ୍ରଥମ ଦିନରେ ହିଁ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୧୦୦ ୟୁନିଟ ମାଗଣା ବିଜୁଳି ସମେତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସଂକଳ୍ପ ନେଇଛି ବୋଲି ପ୍ରକାଶ କରିଛନ୍ତି। ଏଥି ସହିତ ଯୁବବର୍ଗଙ୍କ ପାଇଁ ଯୁବ ବଜେଟ ସହ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅନେକ ଯୋଜନା ମୁଖ୍ୟମନ୍ତ୍ରୀ ପ୍ରସ୍ତୁତ କରିଥିବା କହିଛନ୍ତି। ୨୦୩୬ ମସିହା ବେଳକୁ ଓଡ଼ିଶା କିଭଳି ଅଗ୍ରଣୀ ରାଜ୍ୟରେ ପରିଣତ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଅନେକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ଜୋନ୍‌ର ଜିଲ୍ଲା ପରିଷଦଙ୍କ ସମେତ ସମସ୍ତ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ଡ. ସାହୁଙ୍କୁ ସମସ୍ତ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




## ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ଅରୁଣଙ୍କ ପଦଯାତ୍ରା

ଓଡ଼ଗାଁ, ୨୩।୫(ସମିସ): ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ୨୫ ତାରିଖ ତୃତୀୟ ପର୍ଯ୍ୟାୟରେ ପୁରୀ ଲୋକସଭା ଆସନ ସହିତ ନୟାଗଡ଼ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ବିଜେଡି ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଗୁରୁବାର ଅପରାହ୍ନରେ ଓଡ଼ଗାଁ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ମନ୍ଦିର ପ୍ରାଙ୍ଗଣରୁ ବାହାରି ମନ୍ଦିର ରୋଡ୍, ଲକ୍ଷ୍ମୀ ବଜାର, ବ୍ଲକ ଛକ ଦେଇ କଲେଜଠାରେ ପହଞ୍ଚିଥିଲେ। ପରେ ନିକଟରେ ଥିବା ହସ କ୍ଲବରେ ପହଞ୍ଚି ଉପସ୍ଥିତ ସଦସ୍ୟମାନଙ୍କ ଠାରୁ ବିଜୟର ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ନିତ୍ୟାନନ୍ଦ ପ୍ରଧାନ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ବିପୁଳ ଜନସମର୍ଥନ ସହ ପ୍ରଚାର ଶେଷ କଲେ ସାବିତ୍ରୀ

# ଶେଷ ଦିନରେ ଦୋହଲିଲା ଖଣ୍ଡପଡ଼ା






**ଖଣ୍ଡପଡ଼ା, ୨୩।୫(ସମିସ):** ଖଣ୍ଡପଡ଼ାରେ ବିପୁଳ ଜନସମର୍ଥନ ସହ ନିର୍ବାଚନ ପ୍ରଚାର ଶେଷ କରିଛନ୍ତି ବିଜେଡି ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ। ନିର୍ବାଚନୀ ପ୍ରଚାରର ଶେଷ ଦିନରେ ସାବିତ୍ରୀ ପ୍ରଧାନଙ୍କ ମାରାଥନ୍ ପ୍ରଚାର ବିଜେଡିକୁ ଆହୁରି ମଜଭୁତ୍ କରିଛି। ସିନେ ଷ୍ଟାର ଦେବାଶିଷ, ଏଲିନା, ଗୁଡୁ ପ୍ରମୁଖ ବିଜେଡି ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ଏହି ସିନେ ଷ୍ଟାରମାନଙ୍କୁ ଦେଖିବା ପାଇଁ ମଧ୍ୟ ଲୋକଙ୍କ ଗହଳି ଲାଗିଥିଲା। ସେମାନଙ୍କ ଉପସ୍ଥିତି ବିଜେଡି କ୍ୟାମ୍ପ ଓ କର୍ମୀମାନଙ୍କ ମନରେ ଆହୁରି ଉତ୍ସାହ ସୃଷ୍ଟି କରିଥିଲା। ବିଜେପି ଶେଷ ଦିନ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତରେ ପ୍ରଚାର ସାରି ପାରି ନଥିବା ବେଳେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ କିନ୍ତୁ ଖଣ୍ଡପଡ଼ା ଓ ଭାପୁର ବ୍ଲକର ସମସ୍ତ ପଞ୍ଚାୟତରେ ପ୍ରଚାର ଶେଷ କରିଛନ୍ତି। ଶେଷ ଦିନରେ ବ୍ଲକ ଅଧୀନ ବାହାଡ଼ାଶୁଣୀଙ୍କ ପୀଠରେ ପୂଜାର୍ଚ୍ଚନା ହେବାପରେ ହଜାର ହଜାର ବିଜେଡି କର୍ମୀମାନେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବନମାଳିପୁର ପଞ୍ଚାୟତ ଏବଂ ରାଣୀଛେଲି ପଞ୍ଚାୟତରେ ପ୍ରଚାର କାର୍ଯ୍ୟକ୍ରମ କରିବା ସହ ଭୋଟ ଭିକ୍ଷା କରିଥିଲେ। ବିଶେଷକରି ଖଣ୍ଡପଡ଼ା ଏନ୍‌ଏସିରେ ବିଜେଡି ପ୍ରଚାର ପ୍ରମୁଖ ଆକର୍ଷଣ ରହିଥିଲା। ସାବିତ୍ରୀ ପ୍ରଧାନଙ୍କ ପ୍ରତି ବିପୁଳ ଜନସମର୍ଥନ ଥିବା ଶେଷ ଦିନରେ ସ୍ପଷ୍ଟ ହୋଇଥିଲା। ସାବିତ୍ରୀ ପ୍ରଧାନଙ୍କୁ ପ୍ରଚାରରେ ମିଳିଥିବା ଏହି

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



**ଓଡ଼ଗାଁ, ୨୩।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନନ୍ଦିଘୋର ପଞ୍ଚାୟତ କେନ୍ଦୁପଲ୍ଲୀ ଗାଁରେ ଟଙ୍କା ଦେଣନେଣକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ନେଇ ତାଙ୍କର ବାପା ଦାଶରଥି ବେହେରା ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଓଡ଼ଗାଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ହେଲେ, ସୁରେଶ ବେହେରା। ବର୍ତ୍ତମାନ ସେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ରହିଥିବା ଜଣାପଡ଼ିଛି। ଗତ ୨୧ ତାରିଖ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ପେଟାପଲ୍ଲୀ ଛକରୁ ନିଜ ଗାଁ କେନ୍ଦୁପଲ୍ଲୀ ଗ୍ରାମକୁ ଅଭିଯୋଗକାରୀଙ୍କ ପୁଅ ସୁରେଶ ଯାଉଥିବା ବେଳେ ସେହି ଗ୍ରାମର ଦିଗାମ୍ବର ପ୍ରଧାନ, ତାଙ୍କ ବାପା ଭାଗିରଥି ପ୍ରଧାନ ଏବଂ ଭଉଣୀ ରୁପାଲି ପ୍ରଧାନ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଧାରୁଆ ଫାର୍ସାରେ ଶରୀରର ବିଭିନ୍ନ ଅଙ୍ଗକୁ ଚୋଟପରେ ଚୋଟ ମାରିଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁରେଶଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଘଟଣାରୁ ଜଣାଯାଏ ନୟାଗଡ଼ଠାରେ ଆୟୋଜିତ ଏକ ନିର୍ବାଚନୀ ସଭାକୁ କେନ୍ଦୁପଲ୍ଲୀ ଗ୍ରାମରୁ କିଛି ଲୋକ ଯାଇଥିଲେ। ଗସ୍ତ ଖର୍ଚ୍ଚ ବଣ୍ଟାକୁ କେନ୍ଦ୍ର କରି ସୁରେଶଙ୍କୁ ଆକ୍ରମଣ କରାଯାଇଥିବା କୁହାଯାଉଛି। ଅନ୍ୟ ଏକ ଘଟଣାରେ ୨୨ ତାରିଖ ରାତିରେ ଓଡ଼ଗାଁ ଉପକଣ୍ଠରେ ଥିବା ରଙ୍ଗଣୀପାଟଣା ପଞ୍ଚାୟତର ଜାମୁ ସାହି ଗ୍ରାମରେ ରାଜନୈତିକ କାରଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ମାଡ଼ ମରାମରି ହୋଇଥିବା ବେଳେ ଗୋଟିଏ ଗୋଷ୍ଠୀର ଚନ୍ଦ୍ରମଣି ଜେନା, ଦିଲ୍ଲୀପ ଜେନା, ଟୁକୁ ଜେନା, ଦୀପକ କୁମାର ଜେନା ଏବଂ ଚନ୍ଦ୍ରମଣିଙ୍କ ସ୍ତ୍ରୀ କୁନି ଜେନାଙ୍କ ଆକ୍ରମଣରେ ମୁଣ୍ଡଫାଟି କାହ୍ନୁଚରଣ ମାଝୀ ଗୁରୁତର ହୋଇଥିଲେ। ତାଙ୍କୁ ନୟାଗଡ଼ ମେଡିକାଲକୁ ନିଆଯାଇଥିଲା। ତାଙ୍କ ଭାଇ ମନୋଜ କୁମାର ମାଝୀ ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ କାହ୍ନୁ ମାଝୀର କାତି ବେଣ୍ଟ ପାହାରରେ ଚନ୍ଦ୍ରମଣି ଜେନାଙ୍କ ଦାନ୍ତ ଭାଙ୍ଗି ଯାଇଥିବା ନେଇ ସ୍ତ୍ରୀ କୁନି ଜେନା ଓଡ଼ଗାଁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତେବେ ପୁଲିସ ତଦନ୍ତ ଚାଲୁରଖିଥିବା ବେଳେ ଘଟଣାର ସତ୍ୟାସତ୍ୟକୁ ନେଇ ମାମଲା ରୁଜୁ ହେବ ବୋଲି ଜଣାପଡ଼ିଛି।

# ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ



**ନୟାଗଡ଼, ୨୩।୫(ସମିସ):** ଆସନ୍ତା ୨୫ ତାରିଖରେ ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ପ୍ରଶାସନ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ନୟାଗଡ଼ ଜିଲ୍ଲାପାଳ ସ୍ୱଧାଦେବ ସିଂ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ୩ ଗୋଟି ନିର୍ବାଚନ ମଣ୍ଡଳୀରେ ୭୦୩ ଗୋଟି ବୁଥ୍ ରହିଛି। ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ୫୨ ଗୋଟି ମୋବାଇଲ ପାର୍ଟି କରାଯାଇଛି। ୮୦ ଜଣ ସେକ୍ଟର ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତି କରାଯାଇଛି। ଏଥି ସହିତ ୬ ଜଣ ଡିଏସ୍‌ପିଙ୍କୁ ସୁପର ଭାଇଜିଙ୍ଗ ଅଫିସର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ୩ ଜଣ ଆଡିସନାଲ ଏସ୍‌ପିଙ୍କୁ ସେଗ୍‌ନେଟ୍ ସୁପର ଭାଇଜିଙ୍ଗ ଅଫିସର ଭାବେ ନିଯୁକ୍ତି କରାଯାଇଛି। ୧୩ ଗୋଟି ଷ୍ଟ୍ରାଇକିଙ୍ଗ ଫୋର୍ସ ନିୟୋଜିତ କରାଯାଇଛି। ୩ ଗୋଟି କୁଇକ ରେସପନ୍ସ ଟିମ୍‌କୁ ନିଯୁକ୍ତି କରାଯାଇଛି। ଏଥି ସହିତ ବହୁ ପରିମାଣରେ ସିଏପିଏଫମାନଙ୍କୁ ନିଯୁକ୍ତି କରାଯାଇଛି। ୪୨୨ ଗୋଟି ବୁଥରେ ୱେବ କାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି। ୭୭ ଜଣ ଭିଡିଓ ଗ୍ରାଫିଙ୍ଗଙ୍କୁ ମୁତୟନ କରାଯାଇଛି। ୭୪ ଜଣ ଫଟୋ ଗ୍ରାଫିଙ୍କୁ ମୁତୟନ କରାଯାଇଛି। ଏଥି ସହିତ ୬୭ ଜଣଙ୍କୁ ମାଇକ୍ରୋ ଅବଜର୍ଭର ଭାବେ ନିୟୋଜିତ କରାଯାଇଛି। ୨୦ ଗୋଟି ସାଇନ ସ୍କ୍ୱାଡ୍‌ଙ୍କୁ ମୁତୟନ କରାଯାଇଛି। ଏଥି ସହିତ ରଣପୁର, ଖଣ୍ଡପଡ଼ା ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀର ବର୍ଡରକୁ ସିଲ୍ କରାଯିବା ସହ ସିସିଟିଭି ଦ୍ୱାରା ମନିଟରିଂ କରାଯାଇଛି। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ସହିତ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ୍ ବ୍ୟବସ୍ଥା କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।





# ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ଖଣ୍ଡପଡ଼ା, ୨୩।୫(ସମିସ):

ସାଧାରଣ ନିର୍ବାଚନ ପୂର୍ବରୁ ଖଣ୍ଡପଡ଼ା ବ୍ଲକରେ ପୁଲିସ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ହେଉଥିବା ଦେଖିବାକୁ ମିଳିଛି। ନୂଆ ଭୋଟରଙ୍କ ପାଇଁ ସରକାର ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ରକ୍ଷା କରିବା ପାଇଁ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ୍‌ଙ୍କ ନିର୍ଦ୍ଦେଶରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ବୋଦସା, ଖଲିସାହି ପଞ୍ଚାୟତ ସମେତ ଖଣ୍ଡପଡ଼ା ସହରାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିବା ସହିତ ଲୋକଙ୍କୁ ସଚେତନ କରାଇଥିଲେ। ଖଣ୍ଡପଡ଼ା ବ୍ଲକରେ ସାଧାରଣ ନିର୍ବାଚନ ପୂର୍ବରୁ ଅସାମାଜିକ କାର୍ଯ୍ୟକଳାପକୁ ଦମନ କରିବା ସହ ଅପରାଧ ଓ ଅପରାଧୀମୁକ୍ତ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ ଦେବା ପାଇଁ ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ପୁଲିସ କର୍ମଚାରୀଙ୍କ ସହ ଶତାଧିକ ପୁଲିସ ଫୋର୍ସ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଓଡ଼ଗାଁ :** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମେ ୨୫ ତାରିଖରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ୧୮ ଟି ପଞ୍ଚାୟତ ଅଞ୍ଚଳରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଉଦ୍ଦେଶ୍ୟରେ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହିତ ସମସ୍ତ ଜନତାଙ୍କୁ ନିରାପତ୍ତା ଯୋଗାଇ ଦେବା ନିମନ୍ତେ ପୁଲିସର ଉପସ୍ଥିତି ସମ୍ପର୍କରେ ସୂଚାଇଦେବା ପାଇଁ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ସବ୍-ଇନ୍‌ସ୍ପେକ୍ଟର ଚକ୍ରଧର ସିଂ, ଯଶୋଦା ବେହେରା ଏବଂ ଏଏସଆଇ ମନୋଜ ପାତ୍ର, ଟିଟୁବାଲା ବେହେରାଙ୍କ ଉପସ୍ଥିତିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

**ଭାପୁର:** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପୁଲିସ ପକ୍ଷରୁ ଫତେଗଡ଼ ଗାଁ, ଭାପୁର ବଜାର ଓ ଭାପୁର ଗାଁର ବିଭିନ୍ନ ସାହିରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଫତେଗଡ଼ ଥାନା ଅଧୀନରେ ଭାପୁର ବ୍ଲକର ସମସ୍ତ ୨୦ ପଞ୍ଚାୟତର ୧୦୧ ବୁଥ୍ ଓ ଖଣ୍ଡପଡ଼ା ବ୍ଲକର ତିନୋଟି ପଞ୍ଚାୟତର ୨୧ଟି ବୁଥ୍‌କୁ ମିଶାଇ ମୋଟ ୧୨୨ ବୁଥ୍ ରହିଛି। ସେଥିମଧ୍ୟରୁ ତିନୋଟି ଭାଗରେ ବିଭକ୍ତ କରି ମୋଟ ୩୨ ଉତ୍ତେଜନା ପ୍ରବଣ ବୁଥକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ପୁଲିସ ସମସ୍ତ ପଦକ୍ଷେପ ନେଉଛି। ବୁଧବାର ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ ଓ ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ ପରିଡ଼ାଙ୍କ ନେତୃତ୍ୱରେ, ଏଏସ୍‌ଆଇ ପ୍ରତାପ କୁମାର ପାହାଡ଼ସିଂହ, ଏ କେ ଗୁମାନସିଂହ ଓ ୩ ପ୍ଲାଟୁନ ଫୋର୍ସ ଭାଗ ନେଇଥିଲେ। ପ୍ରଥମେ ଫତେଗଡ଼ ଗ୍ରାମର ଗୋପୀନାଥ ସାହି, କାଳିକା ସାହି, ଗଡ଼ଭିତର ସାହି, ଫତେଗଡ଼ ବଜାର, ପିଠାଖାଇ, ଭାପୁର ବଜାର ସହ ଭାପୁର ପାଇକସାହି ଓ କଲେଜ ସମ୍ମୁଖରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ।

# ପୁଲିଂ ବୁଥ୍‌କୁ ବାହାରିଲେ କର୍ମଚାରୀ





ଖୋର୍ଦ୍ଧା, ୨୩ା୫ (ସମିସ)

ଆସନ୍ତା ଶନିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ। ଏଥିରେ ଜିଲ୍ଲାର ସମୁଦାୟ ୮ଗୋଟି ବିଧାନସଭା ଓ ଭୁବନେଶ୍ୱର ଲୋକସଭା ଏବଂ ପୁରୀ ଲୋକସଭାର ଚିଲିକା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୯୨୩ଟି ମତଦାନ କେନ୍ଦ୍ର କରାଯାଇଥିବା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ତନ୍ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖି ବୁଥ୍, ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ୮ଟି ଏବଂ ଯୁବ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ୪୦ଟି ବୁଥ୍ ରହିଛି। ଏଥି ମଧ୍ୟରେ ୨୭ଟି ସମ୍ବେଦନଶୀଳ ଓ ୩୦୬ଟି ଅତିସମ୍ବେଦନଶୀଳ ବୁଥ୍ ରହିଛି। ଏଥିସହ ୭ଟି ଇକୋ-ଫ୍ରେଣ୍ଡଲି ଏବଂ ୩୮୪ଟି ଆଦର୍ଶ ମତଦାନ କେନ୍ଦ୍ର ରହିଛି। ପ୍ରାୟ ୧୫ ହଜାର ପୁଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବୁଥ୍ ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ହ୍ୱିଲ୍ ଚେୟାର ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଡାକ୍ତରୀ ଟିମ୍ ମୁତୟନ ହୋଇଛନ୍ତି। ପ୍ରତ୍ୟେକ ବୁଥ୍ ରେ ସହାୟତା ନିମନ୍ତେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଭୋଟରମାନେ ସେମାନଙ୍କର ମତଦାନ କେନ୍ଦ୍ର ଜାଣିବା ନିମନ୍ତେ ଭୋଟର ସୂଚନା ପତ୍ର ଦିଆଯାଇଛି। ଭୋଟରମାନେ 'ଭୋଟର ହେଲପ୍ ଆପ୍' ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି 'ମୋ ବୁଥ୍' ଆପ୍ ସହାୟତାରେ ସେମାନଙ୍କର ମତଦାନ କେନ୍ଦ୍ର ଏବଂ ଅବସ୍ଥିତି ସମ୍ପର୍କରେ ବିଶଦ ଭାବେ ଜାଣିପାରିବେ।

ଚିଲିକା ବିଧାନସଭାକୁ ବାଦ୍ ଦେଇ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଥିବା ଅବଶିଷ୍ଟ ୭ ଗୋଟି ବିଧାନସଭାରେ ସମୁଦାୟ ୧୬, ୭୨, ୭୭୪ ଜଣ ମତଦାତା ତାଙ୍କର ମତ ଦାନ କରିବେ। ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୧୯, ୦୬, ୫୧୮ ହୋଇଥିବା ବେଳେ ଚିଲିକା ନିର୍ବାଚନ ମଣ୍ଡଳୀର ମତଦାତା ସଂଖ୍ୟା ୨୩୩୭୪୪ ବୋଲି ଜଣାଯାଇଛି।ସେମାନଙ୍କ ପାଇଁ ଜିଲ୍ଲାରେ ସମୁଦାୟ ୧୯୨୩ବୁର୍ଥ କରାଯାଇଥିବା ବେଳେ ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା ନିର୍ବାଚନ ମଣ୍ଡଳୀରେ ବୁର୍ଥ ସଂଖ୍ୟା ହେଉଛି ୭୪୨। ଆଜି ଜୟଦେବ, ଜଟଣୀ, ବେଗୁନିଆ ଓ ଚିଲିକା ନିମନ୍ତେ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ଜୟଦେବ ରେ ୨୩୬, ଜଟଣୀ ରେ ୨୫୪ ଏବଂ ବେଗୁନିଆରେ ୨୩୯ ବୁଥ ରହିଛି। କଡା ସୁରକ୍ଷା ବଳୟ ଭିତରେ ପୋଲିଂ ଅଧିକାରୀ ମାନେ ସାରଞ୍ଜାମ ଧରି ବୁଥ କେନ୍ଦ୍ରରେ ପହଁଚିଥିଲେ। ଜିଲ୍ଲା ପାଇଁ ୩ଟି ସ୍ଥାନରେ ଷ୍ଟ୍ରଙ୍ଗରୁମ କରାଯାଇଛି। ଖୋର୍ଦ୍ଧା ଓ ବେଗୁନିଆ ପାଇଁ ଜିଲ୍ଲା ପଣ୍ୟାଗାର, ଚିଲିକା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଭୁବନେଶ୍ୱର ଏକାମ୍ର, ମଧ୍ୟ, ଉତର, ଜୟଦେବ ଓ ଜଟଣୀ ପ୍ରଭୃତି ୫ନିର୍ବାଚନ ମଣ୍ଡଳୀ ପାଇଁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମ କରାଯାଇଛି।ଆଜି ଏହି ସ୍ଥାନରୁ ପୋଲିଂ ଅଧିକାରୀ ମାନେ ଇଭିଏମ, ଭିଭିପାର୍ଟ ଧରି ନିର୍ଦ୍ଧାରିତ ବୁଥ କେନ୍ଦ୍ରକୁ ଯାତ୍ରା କରିଛନ୍ତି। ସମସ୍ତ ବୁଥରେ ଆଶ୍ରୟସ୍ଥଳ, ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସମସ୍ତ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରମାନେ ଉପସ୍ଥିତ ରହି ମନିଟରିଙ୍ଗ କରିଥିଲେ। ଜିଲ୍ଲା ପଣ୍ୟାଗାରରେ ଖୋର୍ଦ୍ଧା ରିଟର୍ଣ୍ଣିଂ ଅଫିସର ଦିପ୍ତିରଞ୍ଜନ ସେଠୀ, ବେଗୁନିଆର ପିଡି ବାଦଲ ମହାନ୍ତି, ପିଏନ କଲେଜ ଠାରେ ଚିଲିକାର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜୟଦେବର ଭୁବନେଶ୍ୱର ଅତିରିକ୍ତ ଉପଜିଲାପାଳ ନିତିଶ ତ୍ରିପାଠୀ, ଭୁବନେଶ୍ୱର(ମଧ୍ୟ) ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉତ୍ତର ଓ ଏକାମ୍ରର ରିଟର୍ଣ୍ଣିଂ ଅଫିସର ଭୁବନେଶ୍ୱର ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଜଟଣୀର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା କହିଲେ ଯେ, ଆଜି ୧୧୧-ଜୟଦେବ, ୧୧୫-ଜଟଣୀ, ୧୧୬-ବେଗୁନିଆ ଓ ୧୧୮-ଚିଲିକା ପୋଲିଂ ଅଧିକାରୀ ମାନେ ନିଜ ବୁଥ କେନ୍ଦ୍ରରେ ପହଞ୍ଚିଛନ୍ତି। ଆସନ୍ତାକାଲି (୨୪ତାରିଖ)ରେ ୧୧୨-ଭୁବନେଶ୍ୱର (ମଧ୍ୟ), ୧୧୩-ଭୁବନେଶ୍ୱର (ଉତ୍ତର), ୧୧୪-ଭୁବନେଶ୍ୱର (ଏକାମ୍ର) ଓ ୧୧୭-ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀ, ଏଥିସହିତ ସଖୀ ମତଦାନ କେନ୍ଦ୍ର ମହିଳା, ଦିବ୍ୟାଙ୍ଗ ମତଦାନ କେନ୍ଦ୍ରର ଦିବ୍ୟାଙ୍ଗ ପୋଲିଂ ଅଧିକାରୀମାନେ ନିଜ ନିଜ ବୁଥ୍‌କୁ ଯିବେ ବୋଲି ଜିଲ୍ଲାପାଳ କହିଛନ୍ତି।

## ମତଦାନ କରିବାକୁ ଜିଲ୍ଲାପାଳଙ୍କ ନିବେଦନ

**ଖୋର୍ଦ୍ଧା:** ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ଭାରତର ଶ୍ରେଷ୍ଠ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ମତଦାନ କରିବାର ଅଧିକାର ରହିଛି। ଅନେକ ସଂଗ୍ରାମ ପରେ ଏ ଦେଶ ସ୍ୱାଧୀନତା ହାସଲ କରିଥିଲା ଓ ଅନେକ ବୀରବିପ୍ଳବୀମାନଙ୍କ ତ୍ୟାଗ ଏବଂ ଶ୍ରେଷ୍ଠ ଗଣତାନ୍ତ୍ରିକ ପରମ୍ପରାର ସମ୍ମାନ ବଜାୟ ରଖିବା ନିମନ୍ତେ ମତଦାନ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଜିଲ୍ଲାବାସୀଙ୍କୁ ଭିଡିଓ ବାର୍ତା ଯୋଗେ ନିବେଦନ କରିଛନ୍ତି। ଭୋଟରଭୋଟର ହେଲପ୍ ଲାଇନ୍ ଆପ୍ ମାଧ୍ୟମରେ ଭୋଟର ତାଲିକାରେ ଥିବା ନିଜର କ୍ରମିକ ଓ ଭାଗ ସଂଖ୍ୟା ଜାଣିବାର ସୁବିଧା ରହିଛି। ସେହିଭଳି ଜିଲ୍ଲାର ମତଦାତା 'ମୋ ବୁଥ୍' ଆପ୍ ମାଧ୍ୟମରେ ବୁଥ୍‌ର ଅବସ୍ଥିତି, ସେଠାକୁ ଯିବା ପାଇଁ ମାର୍ଗ ଏବଂ ସମାନ ସମୟ ମଧ୍ୟରେ ଧାଡ଼ିରେ ଛିଡ଼ା ହୋଇଥିବା ମତଦାତାଙ୍କ ସଂଖ୍ୟା ଜାଣିପାରିବେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ସରବତ, ଶିଶୁଙ୍କ ପାଇଁ ପ୍ରତୀକ୍ଷା ଗୃହ, ଶୌଚାଳୟ, ଭିନ୍ନକ୍ଷମ ବନ୍ଧୁଙ୍କ ପାଇଁ ର୍ୟାମ୍ପ ଓ ହୁଇଲ୍ ଚେୟାର, ବୟସ୍କମାନଙ୍କ ପାଇଁ ଚେୟାରର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ଶ୍ରୀ ରାଣା ଏହି ଭିଡିଓ ବାର୍ତ୍ତାରେ ପ୍ରେରଣାଦାୟୀ ସୂଚନା ପ୍ରଦାନ କରିଛନ୍ତି। ବିଗତ ନିର୍ବାଚନରେ ଭୁବନେଶ୍ୱରରେ ନିମ୍ନ ମତଦାନ ହାର ଯୋଗୁଁ ଖୋର୍ଦ୍ଧା ଜିଲ୍ଲାରେ ମତଦାନ ହାର କମ୍ ରହିଥିଲା। ଜିଲ୍ଲାବାସୀ ନିଜର, ନିଜ ପରିବାରର ଏବଂ ଦେଶର ଭବିଷ୍ୟତ ପାଇଁ ଭୋଟ ଦେବାକୁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ନିଜର ପରିବାର, ପଡ଼ୋଶୀ ଓ ସାଙ୍ଗସାଥିଙ୍କୁ ଧରି ଆସନ୍ତା ୨୫ ତାରିଖରେ ମତଦାନ କରିବାକୁ ଭୋଟରଙ୍କୁ ସେ ନିବେଦନ କରିଛନ୍ତି। ଜାତି, ଧର୍ମ, ବର୍ଣ୍ଣରୁ ଉର୍ଦ୍ଧ୍ୱରେ ରହି କୌଣସି ଭୟ, ଲୋଭ କିମ୍ବା ଚାପର ବଶବର୍ତୀ ନହୋଇ ନିଜ ଦେଶ ଓ ସମ୍ବିଧାନର ସମ୍ମାନ ପାଇଁ ନିଜର ଶ୍ରେଷ୍ଠ ଅଧିକାର ମତଦାନ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।



## ଜ୍ୟୋତିରିନ୍ଦ୍ରନାଥ ମିତ୍ର ହେଉଛନ୍ତି ଭଦଭଦଳିଆ ଏଣ୍ଡୁଅ: ଲଳିତ

**ଖୋର୍ଦ୍ଧା, ୨୩ା୫ (ସମିସ):** ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଗୁରୁବାର ବିଜେପି ଶୋଭାଯାତ୍ରାରେ ଯାଇ ପ୍ରଚାର କରିବା ଘଟଣାରେ ଜିଲ୍ଲା ମିଡିଆ ସେଲ୍ ସଂଯୋଜକ ଲଳିତ ମୋହନ ମହାପାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି, ଖୋର୍ଦ୍ଧା ଏକ ଐତିହ୍ୟ ସ୍ୱାଭିମାନ ଏବଂ ପାଇକ ମାଟିର ନିର୍ବାଚନ ମଣ୍ଡଳୀ। ଏଠାରୁ ନିର୍ବାଚିତ ହୋଇ ମନ୍ତ୍ରୀ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ରାଜ୍ୟ ଭାର ସମ୍ଭାଳିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେତେବେଳେ ସାଧାରଣ ନିର୍ବାଚନ ଆସେ ସେହି ସମୟରେ ଖୋର୍ଦ୍ଧାର ଯିଏ ବର୍ତ୍ତମାନ ବିଧାୟକ ଅଛନ୍ତି ଜ୍ୟୋତିରିନ୍ଦ୍ର ନାଥ ମିତ୍ର ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ବିଭିନ୍ନ ଦଳକୁ ଆପଣାଇଥାନ୍ତି। ଶ୍ରୀ ମିତ୍ର ୪ଥର ଏନ୍ଏସସି, ମ୍ୟୁନିସିପାଲଟି ଏବଂ ୩ ଥର ବିଧାୟକ ରହିଥିଲେ ମଧ୍ୟ ରାଜ୍ୟ ନେତୃତ୍ୱ ଶ୍ରୀ ମିତ୍ରଙ୍କ ଆଚରଣ, ସ୍ୱାର୍ଥପର ଏବଂ ନିଜର ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଯେଉଁଭଳି ଦଳ ବଦଳ କରିଥାନ୍ତି ତାହାକୁ ଜନସାଧାରଣ ନାପସନ୍ଦ କରିଛନ୍ତି। ୨୦୦୯ ଏବଂ ୨୦୧୪ରେ ଟିକଟ୍ ନ ମିଳିବାରୁ ପୁଣି କର୍ମୀମାନଙ୍କ ବିନା ପରାମର୍ଶରେ ମନଇଚ୍ଛା ବିଜେଡିରୁ ଅନ୍ୟ ଏକ ଦଳକୁ ଯାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ୨୦୧୯ରେ ଅନୁରୂପ ଭାବେ ବିଜେଡି ଶିବିରକୁ ଆସି




ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ବିଧାୟକ ହୋଇଥିଲେ। ଶ୍ରୀ ମିତ୍ର ଭଦଭଦଳିଆ ଭଳି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ପ୍ରତି ୫ବର୍ଷରେ ଥରେ ଦଳ ବଦଳ କରିଥାନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଖୋର୍ଦ୍ଧାରେ ଥାନା, ଏସ୍‌ପି ଅଫିସ ଓ ଜିଲ୍ଲାପାଳ ଅଫିସ ଉଡାଇଦେବାକୁ ଧମକ ଦେଉଥିବା ବେଳେ ଜଣେ ଆତଙ୍କ ଖେଳାଇବାର ଧମକ ଦେଉଥିବା ଗୁଣ୍ଡା ଶ୍ରେଣୀ ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ଶ୍ରୀ ମିତ୍ର ବୁଲିବା ଘଟଣାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଖୋର୍ଦ୍ଧାର ଶାନ୍ତ ପରିବେଶକୁ ଅଶାନ୍ତ କରୁଥିବା ବିଜେପି ଓ ତାର ପ୍ରାର୍ଥୀକୁ ଖୋର୍ଦ୍ଧାବାସୀ କେବେ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି।

## ବିକ୍ରି ହୋଇଗଲେ ବିଧାୟକ ଜିତୁ ମିତ୍ର: କାଳୁ

**ଖୋର୍ଦ୍ଧା, ୨୩ା୫ (ସମିସ):** ଖୋର୍ଦ୍ଧା ବିଧାନସଭାରେ ଘଡ଼ିକେ ଘୋଡ଼ା ଛୁଟୁଛି। ଆଜି ଗୋସାଲା ପଡ଼ିଆରୁ ବିଜେପି ଶୋଭାଯାତ୍ରାରେ ସାମିଲ ହୋଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଚର୍ଚ୍ଚାରେ ଥିବାବେଳେ ସେ ବିକ୍ରି ହୋଇଯାଇଥିବା ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେୟତରାଏ ଓ ରଣଜିତ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜନସାଧାରଣଙ୍କ ମନରେ ତାଙ୍କ ପ୍ରତି ରହିଥିବା ସମ୍ମାନ ଆଜି କ୍ଷୁଣ୍ଣ ହୋଇଛି। କାରଣ ବିଜେପି ପ୍ରାର୍ଥୀ କରିଥିବା ଜଣେ ଦାଗୀ ନେତାଙ୍କୁ ସେ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ଦୁଇଦିନ ତଳେ ବିଜେପି ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ଥାନା, ଏସ୍‌ପି ଅଫିସ ଓ ଜିଲ୍ଲାପାଳ ଅଫିସ ଉଡ଼ାଇଦେବେ ବୋଲି କହିଥିଲେ। ସେହିଭଳି ଜଣେ ଅପରାଧିକୁ ସହଯୋଗ କରିବାକୁ ଆଗେଇ ଆସି ଆଜି ନିଜେ ମଧ୍ୟ ବହୁ ତଳକୁ ଖସିଯାଇଥିବା କାଳୁ କହିଛନ୍ତି। ସେ କହିଛନ୍ତି ଶ୍ରୀ ମିତ୍ର ମୋର ରାଜନୈତିକ ଗୁରୁ ଥିଲେ। ୧୯୯୫ ମସିହାରୁ ତାଙ୍କ ସହ ମୁଁ କାମ କରିଥିଲି। ମାତ୍ର ତାଙ୍କର ଏଭଳି



କାର୍ଯ୍ୟ ସମସ୍ତଙ୍କୁ କଷ୍ଟ ଦେଇଛି। ୫ବର୍ଷ ବିଧାୟକ ରହିଲେ କିନ୍ତୁ କେଉଁଠି ବି ଉନ୍ନତିମୂଳକ କାର୍ଯ୍ୟ କରିନାହାନ୍ତି। ବରଂ ଲୋକଙ୍କ ସେବା କରିବା ପରିବର୍ତ୍ତେ ସେ ୫ବର୍ଷରେ ଢେର ଅର୍ଜନ କରିଛନ୍ତି। ସେ ଆଜି ବିଜେପିରେ ଯୋଗ ଦେଇଥିବା ବେଳେ ଆମଦାନୀ ନେତାଙ୍କୁ ନେଇ ବିଜେପି ଏଠାରେ ରାଜନୀତିକୁ ଓହ୍ଲାଇଛି। ଆଉ ସେମାନଙ୍କୁ ମଙ୍ଗୁଆଳ କରି ବିଜେପି ଜିତିବା ଲାଗି ଯେଉଁ ସ୍ୱପ୍ନ ଦେଖୁଛି ତାହା ପୂରଣ ହେବନି ବୋଲି କାଳୁ କହିଛନ୍ତି। ଅଗାମୀ ଦିନରେ ଏହାର ଉଚିତ ଜବାବ ଖୋର୍ଦ୍ଧାବାସୀ ଦେବେ ବୋଲି କାଳୁ କହିଛନ୍ତି।

## ସାଧାରଣ ନିର୍ବାଚନ

## ବାଲୁଗାଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ବାଲୁଗାଁ, ୨୩ା୫ (ସମିସ) :** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଲୋକସଭା ସାଂସଦକ୍ଷେତ୍ର ସହ ଚିଲିକା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ମତଦାନ ହେବାକୁ ଯାଉଥିବା ବେଳେ ପ୍ରାକ୍ ନିର୍ବାଚନ ହିଂସା ରୋକିବା ପାଇଁ ବହୁ ସତର୍କତା ଅବଲମ୍ବନ କରି ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରୁଛି ପୁଲିସ। ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ପୁଲିସ ପକ୍ଷରୁ ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ମତଦାନ ସମାପନ କରିବା ଉଦ୍ଦେଶ୍ୟରେ ବାଲୁଗାଁ ପୁଲିସ ପକ୍ଷରୁ ଥାନା ଠାରୁ ବାହାରି ବାଲୁଗାଁ ଏନଏସିର ବିଭିନ୍ନ ୱାର୍ଡ ପରିକ୍ରମା ପରେ ବଡକୂଳ, ଡୁଙ୍ଗମାଳ ଓ ଆଙ୍କୁଲା ଆଦି ପଞ୍ଚାୟତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯିବା ସହ ନିର୍ଭୟରେ ସହ ମତଦାନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ସଚେତନତା କରିଛି ପୁଲିସ। ଉକ୍ତ ଫ୍ଲାଗ୍‌ମାର୍ଚ୍ଚରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଏବଂ ଏକାଧିକ ପ୍ଲାଟୁନ ବିଏସ୍‌ଏଫ୍ ଜବାନ ସାମିଲ ଥିଲେ। ଭୟମୁକ୍ତ ମତଦାନ ଉଦ୍ଦେଶ୍ୟରେ ପୁଲିସ ସାରା ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଫ୍ଲାଗ୍‌ମାର୍ଚ୍ଚ ଆୟୋଜନ କରୁଥିବା ବେଳେ ଚିଲିକା ନିର୍ବାଚନ ମଣ୍ଡଳୀର ବାଲୁଗାଁ ଥାନା ଅନ୍ତର୍ଗତ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ ଅଞ୍ଚଳରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରା ଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବିଧାୟକ ପ୍ରାର୍ଥୀଙ୍କ ପତ୍ନୀ କଲେ ଭୋଟ ଭିକ୍ଷା



**ବେଗୁନିଆ, ୨୩ା୫ (ସମିସ):** ବିଜେଡି ଦଳ ପକ୍ଷରୁ ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ବେଗୁନିଆ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଚଳିତ ମାସ ୨୫ ତାରିଖ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ପତ୍ନୀ ଜୟନ୍ତୀ ରାଉତପଡ଼ା ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ପହଞ୍ଚି ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଭିକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ମହିଳା ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ନିରାକାରପୁରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ନିରାକାରପୁର, ୨୩ା୫ (ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧ। ଜିଲ୍ଲା ନିରାକାରପୁର ପୁଲିସ ପକ୍ଷରୁ ବୁଧବାର ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ, ରାମେଶ୍ୱର, ପଦ୍ମପୁର, ଖଜୁରୀପଡ଼ା, ନିରାକାରପୁର, ପାଣ୍ଡବପାଟଣା ଓ ପାଖାପାଖି ଅଞ୍ଚଳରେ ପୁଲିସ ଅଧିକାରୀ, ସିଏପିଏଫ୍ କର୍ମଚାରୀଙ୍କ ସହ ପୁଲିସ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଫ୍ଲାଗ୍‌ମାର୍ଚ୍ଚରେ ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଏସ୍‌ଆଇ ଦିପାଲୀସ ନାୟକ, ଅରବିନ୍ଦ ରାଉଳ, ଏଏସ୍‌ଆଇ ତପନ ପ୍ରଧାନ, ଶ୍ରୀମତୀ ମଲ୍ଲିକ ଓ ଏଏସ୍‌ଆଇ ଶରତ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମଦ ଜବତ; ୪ କୋର୍ଟ ଚାଲାଣ

**ବେଗୁନିଆ, ୨୩ା୫ (ସମିସ):** ଚଳିତ ୨୫ ତାରିଖ ଦିନ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ବିଭାଗ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ଓ ବିଦେଶୀ ମଦ ମୋଟ ୭୭ ଲିଟର ଜବତ କରି ୪ ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ବିଭାଗ ଥାନା ଉପନିରୀକ୍ଷକ ଏ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ପୂର୍ବାହ୍ନରେ ସାନପଦର ଗ୍ରାମର ସୁକାନ୍ତ ପଟ୍ଟନାୟକ, ନୟାପଲ୍ଲୀ ଗ୍ରାମର ସୁଧିର ନାୟକ, ଦଲକ ଗ୍ରାମର ଅଦ୍ୱୈତ୍ୟ ବରାଳ ଓ ଗଡ଼ମାଣିତିର ଗ୍ରାମର ସୁକାନ୍ତ ସୁନ୍ଦରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ମା' ଡାହାଳିଆଣି ଦେବୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ବେଗୁନିଆ, ୨୩ା୫ (ସମିସ):** ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମସ୍ଥିତ ମା'ଡ଼ାହାଳିଆଣି ଦେବୀଙ୍କ ପୀଠରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁସାରେ ପଣ୍ଡିତ ପୀତବାସ ମିଶ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ସୌମେନ୍ଦ୍ର ସାମନ୍ତରାୟ ଓ ରାଜଲକ୍ଷ୍ମୀ ସାମନ୍ତରାୟ କର୍ତ୍ତା ଭାବେ ଯଜ୍ଞରେ ରହି ପ୍ରଥମ ଦିନରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନ କଳସ ଯାତ୍ରା ଓ ତୃତୀୟ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ନିଆରା ଢଙ୍ଗରେ ପ୍ରଦୀପଙ୍କ ପ୍ରଚାର



**ବେଗୁନିଆ, ୨୩ା୫ (ସମିସ):** ଚଳିତ ମାସ ୨୫ ତାରିଖରେ ନିର୍ବାଚନ। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଓ ପ୍ରସାର ପାଇଁ ସାଂସଦ ପ୍ରାର୍ଥୀ ହୁଅନ୍ତୁ ଅବା ବିଧାୟକ ପ୍ରାର୍ଥୀମାନେ ଚା'ଖଟିରେ ବସି ଜନସାଧାରଣଙ୍କ ସହ ସମ୍ପର୍କ ରଖିବାକୁ ପ୍ରୟାସ କରିଥାନ୍ତି। ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ପାନ ଦୋକାନରେ ବସି ଜନ ସାଧାରଣଙ୍କ ସହ ସମ୍ପର୍କ ବଢ଼ାଇବା ପାଇଁ ନିଆରା ପ୍ରୟାସ ଜାରି ରଖିଛନ୍ତି। ଏଥିରେ ସେମାନଙ୍କର ଦୁଃଖ ଓ ସୁଖର ସାଥି ହୋଇ ନିର୍ବାଚନ ମଇଦାନରେ ଅଂଶ ଗ୍ରହଣ କରିଥିବା ବିଜେଡିର ନବାଗତ ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତକୁ ସଶକ୍ତ କରିବା ପାଇଁ ନିବେଦନ କରିଛନ୍ତି।

## ମନ୍ମଥ ଓ ରଜେନ୍ଦ୍ରଙ୍କ ପ୍ରଚାର ଜୋର୍‌ଦାର୍

କୁହୁଡ଼ି, ୨୩ା୫ (ସମିସ)



ନିର୍ବାଚନ ପ୍ରଚାର ଶେଷ ଦିନ ଥିବା ବେଳେ ପ୍ରାର୍ଥୀ ଓ ସମର୍ଥକ ଘରକୁ ଘର ବୁଲି ପ୍ରଚାର କରିବା ସହ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ କରି ନିଜ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ଅନୁରୋଧ କରାଯାଉଛି। ପ୍ରଚାର ପ୍ରସାରରେ ବିରୋଧୀଙ୍କ ଠାରୁ ଆଗରେ ବିଜେଡି ଥିବା ବେଳେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ପ୍ରତି ଭୋଟରଙ୍କ ସମର୍ଥନ ବଢ଼ିବାରେ ଲାଗିଛି। ଗୁରବାର ୧୦ନଂ ଜୋନ୍ କୁହୁଡି ପଞ୍ଚାୟତ ଓ ରତନପୁର ପଞ୍ଚାୟତକୁ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ହଜାର ହଜାର ସମର୍ଥକଙ୍କ ସହିତ ବିଶାଳ ବାଇକ୍ ଶୋଭାଯାତ୍ରାରେ ଉଭୟ ପଞ୍ଚାୟତର ସମସ୍ତ ସାହିରେ ବୁଲି ଭୋଟ ଭିକ୍ଷା କରି ମାରାଥନ ପ୍ରଚାର କରିବା ସହିତ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। କୁହୁଡ଼ି ବସଷ୍ଟାଣ୍ଡ ଠାରୁ ବାଇକ୍ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ସହିତ ବାହାରି କୁହୁଡି ଓ ରତନପୁର ପଞ୍ଚାୟତ ପ୍ରତ୍ୟେକ ସାହିରେ ଭୋଟ ଭିକ୍ଷା କରିବା ସହ ଦୁଇଟି ଶଙ୍ଖରେ ଭୋଟ ଦେଇ ପୁଣିଥରେ ନବୀନ ସରକାର ଆଣିବା ପାଇଁ ନିବେଦନ କରିଛନ୍ତି। ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜଣସାଧାରଣ ସ୍ୱତଃ ପ୍ରବୃତ୍ତ ଭାବେ ବିଜୟ ଲାଭ କରିବା ପାଇଁ ଆଶୀର୍ବାଦ ଦେବା ସହ ବିପୁଳ ଜନସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ବିଜେଡି ଜିଲ୍ଲା ଉପସଭାପତି ମନୋଜ କୁମାର ମାନସିଂହ, ଟାଙ୍ଗୀ ବ୍ଲକ ପୂର୍ବତନ ଅଧକ୍ଷ ଅଶୋକ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ବିପିନ ଉଦୟସିଂହ ଓ କୃଷ୍ଣ ସୁବୁଦ୍ଧିଙ୍କ ସମେତ ବିଜେଡି ଆଗଧାଡିର କର୍ମକର୍ତ୍ତା, ହଜାର ହଜାର ଯୁବ, ପୁରୁଷ ଓ ମହିଳା କର୍ମୀ ସାମିଲ ହୋଇ ଷଷ୍ଠଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ବିପୁଳ ବିଜୟ କରାଇବା ପାଇଁ ସଂକଳ୍ପ କରିଛନ୍ତି।

